

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୫ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 15 December 2025

Vol.No. 36 ■ No.330 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...

website : sagarika.in.net


## ନୀତିନ ନବୀନ ହେଲେ ବିଜେପିର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ



ନୂଆଦିଲ୍ଲୀ,୧୪/୧୨ : ଭାରତୀୟ ଜନତା ପାର୍ଟି ରବିବାର ନୀତିନ ନବୀନ ସିହ୍ନାଙ୍କୁ ଏହାର ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ଭାବେ ନିଯୁକ୍ତି ଦେଇଛି। ଦଳର ସଂସଦୀୟ ବୋର୍ଡ ତାଙ୍କୁ ଏହି ନିଯୁକ୍ତି ଦେଇଛି। ୪୫ ବର୍ଷୀୟ ନୀତିନ ନବୀନ ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାରରେ ସଡ଼କ ନିର୍ମାଣ ମନ୍ତ୍ରୀ ଅଛନ୍ତି। ବିହାରର ରାଜଧାନୀ ପାଟନାରେ ଜନ୍ମ ହୋଇଥିବା ନୀତିନ ନବୀନଙ୍କ ବାପାଙ୍କ ନାଁ ନବୀନ କିଶୋର ପ୍ରସାଦ ସିହ୍ନା। ସେ ବି ବିଜେପିର ଜଣେ ନେତା ଥିଲେ। ସେ ବିଧାୟକ ମଧ ହୋଇଥିଲେ। ତାଙ୍କର ମୃତ୍ୟୁ ପରେ ନୀତିନ ନବୀନ ନିର୍ବାଚନ ରାଜନୀତିରେ ପ୍ରବେଶ କରିଥିଲେ। ନୀତିନ ପାଟନାର ବାଙ୍କୀପୁର ବିଧାନସଭା ଆସନରୁ ପ୍ରତିନିଧିତ୍ୱ କରୁଛନ୍ତି। ବିହାରରେ ସେ ଦଳର ଜଣେ ବଡ଼ ନେତା। ଏଯାବତ ସେ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ୨୦୦୬ରେ ଉପନିର୍ବାଚନରେ ବିଜୟୀ ହୋଇ ସେ ପ୍ରଥମେ ବିଧାନସଭାକୁ ଯାଇଥିଲେ। ସେତେବେଳେ ସେ ପାଟନା ୱେଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇଥିଲେ। ଏହି ଆସନରୁ ତାଙ୍କ ବାପା ନବୀନ କିଶୋର ପ୍ରସାଦ ସିହ୍ନା ୧୯୯୫, ୨୦୦୦ ଓ ୨୦୦୫ ନିର୍ବାଚନ ଜିତିଥିଲେ। ତାଙ୍କ ମୃତ୍ୟୁ ପରେ ୨୦୦୬ରେ ଏହି ଆସନରେ ହୋଇଥିବା ଉପନିର୍ବାଚନରେ ଜିତିଥିଲେ ନୀତିନ ନବୀନ। ୨୦୦୮ରେ ପାଟନା ୱେଷ୍ଟ ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଭାଙ୍ଗି ବାଙ୍କୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ କରାଯାଇଥିଲା। ଏହି ଆସନରୁ ଲଗାତାର ୪ ଥର ହେଲାଣି ବିଜୟୀ ହୋଇଆସୁଛନ୍ତି ନୀତିନ ନବୀନ। ଏହି ଆସନରେ ସେ ୨୦୧୦, ୨୦୧୫, ୨୦୨୦ ଓ ୨୦୨୫ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ବିହାର ବିଧାନସଭା ନିର୍ବାଚନରେ ସେ ବାଙ୍କୀପୁର ଆସନରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫୧ ହଜାର ଭୋଟ୍‌ରେ ପରାସ୍ତ କରିଥିଲେ। ବିଜେପି ଏହାର ରାଷ୍ଟ୍ରୀୟ ଅଧକ୍ଷ ସହିତ ଅନ୍ୟାନ୍ୟ ଶୀର୍ଷ ପଦପଦବୀରେ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଥିବା ବେଳେ ଆଜି ନୀତିନ ନବୀନଙ୍କୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ଭାବେ ନିଯୁକ୍ତି ଦେଇଛି। ଜେପି ନଡ୍ଡା ଏବେ ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଅଛନ୍ତି। ୨୦୨୦ ଜାନୁଆରୀ ମାସରେ ସେ ଏହି ପଦ ଗ୍ରହଣ କରିଥିଲେ। ଯା ଭିତରେ ତାଙ୍କ କାର୍ଯ୍ୟକାଳକୁ ଏକାଧିକ ଥର ବୃଦ୍ଧି କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନ ସହିତ ତା'ପୂର୍ବରୁ ଅନ୍ୟାନ୍ୟ ନିର୍ବାଚନ ଯୋଗୁ ଦଳ ତାଙ୍କ କାର୍ଯ୍ୟକାଳକୁ ବୃଦ୍ଧି କରିଥିଲା। ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧକ୍ଷ ନିଯୁକ୍ତ ହେବା ପରେ ନୀତିନ ନବୀନଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସେ କହିଛନ୍ତି, ନୀତିନ ନବୀନ ଜଣେ ଯୁବ ନେତା ଓ ପରିଶ୍ରମୀ କାର୍ଯ୍ୟକର୍ତ୍ତା। ବିଧାୟକ ଓ ମନ୍ତ୍ରୀ ଭାବେ ତାଙ୍କ ରେକର୍ଡ ପ୍ରଶଂସନୀୟ। ତାଙ୍କ ନିଷ୍ଠା ସଂଗଠନକୁ ଦୃଢ଼ କରିବ। ସେହିପରି ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡା ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଦଳର ଅନ୍ୟ ନେତାମାନେ ନୂଆ ଦାୟିତ୍ୱ ପାଇଁ ନୀତିନ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ବାଣପୁର ଥାନାରେ ଥାର୍ଡଡିଗ୍ରୀ : ଯୁବକ ମୃତ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ନାଁ- ଛବୀନ୍ଦ୍ର ନାୟକ, ଘର ବାଣପୁର ଥାନା ଅଧିନ ଦାଶରଥୀପୁର । ଚୋରା ମଦ କାରବାର ଅଭିଯୋଗରେ ଶନିବାର ସନ୍ଧ୍ୟାରେ ଥାନାକୁ ଉଠାଇ ନେଇଥିଲା ପୁଲିସ । ଛବିନ୍ଦ୍ରଙ୍କୁ ଗୁଡାଇ ତୁଡାଇ ପ୍ରଶ୍ନ କରିବା ସହ ଥାନାରେ ଅଟକ ରଖିଥିଲା । ଆଉ ସକାଳୁ ସକାଳୁ ବାଣପୁର ଥାନା, ଛବିନ୍ଦ୍ରଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିବା ପରେ, ଡାକ୍ତର ମୃତ ଘୋଷଣା କରିଥଲେ । ଗୋଟିଏ ରାତି ଭିତରେ ଏମିତି କଣ ହୋଇଗଲା ଆଉ ଛବିନ୍ଦ୍ରଙ୍କର କେମିତି ମୃତ୍ୟୁ ହୋଇଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରିବାର । କହିଛନ୍ତି, ରାତିରେ ଥାନା ଭିତରେ କ'ଣ ଘଟିଛି, ସେସବୁ ଗୋଟିଗୋଟି କରି ସିସିଟିଭିରେ ରେକର୍ଡ ରହିଥିବ । ତେଣୁ ସେସବୁକୁ ସାର୍ବଜନୀନ କରିବା ପରେ ପୂରା ଘଟଣା ସ୍ପଷ୍ଟ ହେବ। ଛବିନ୍ଦ୍ରଙ୍କ ମୃତ୍ୟୁ ନୁହେଁ, ବରଂ ତାଙ୍କୁ ପୁଲିସ ମାରି ଦେଇଥିବା ଅଭିଯୋଗ କରିଛନ୍ତି ତାଙ୍କ ପତ୍ନୀ । କ୍ୟାପିଟାଲ ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

▶▶ପୃଷ୍ଠା ୭

## ଔଷଧ ଦୋକାନ ସମ୍ମୁଖରେ ଲାଗିବ କ୍ୟୁଆର୍ କୋଡ୍, ଟୋଲ୍-ଫ୍ରି ନମ୍ବର

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ଔଷଧ ଦୋକାନ ସମ୍ମୁଖରେ ଲାଗିବ କ୍ୟୁଆର୍ କୋଡ୍, ଟୋଲ୍-ଫ୍ରି ନମ୍ବର । ଦୋକାନରୁ ଔଷଧ କିଣି ବ୍ୟବହାର ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଶିକାର ହୁଅନ୍ତି, ତାହେଲେ ଅଭିଯୋଗ କରିପାରିବେ । ଏନେଇ କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଂଗଠନ ସମସ୍ତ ରାଜ୍ୟ ସମେତ କେନ୍ଦ୍ରଶାସିତ ଔଷଧ ଲାଇସେନ୍ସିଂ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଲୋକେ ଦୋକାନରୁ ଔଷଧ ଖାଇ ପାର୍ଶ୍ୱ ପ୍ରତିକ୍ରିୟାର ଶିକାର ହେଲେ କାହାକୁ ଅଭିଯୋଗ କରିବେ ତାହାର ଥଳକୂଳ ପାଉନଥିଲେ । ସେମାନେ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇ ବି ନିରବରେ ସହି ଯାଉଥିଲେ। ହେଲେ ଏବେ ଆଉ ସେମିତି ହେବନି । କ୍ୟୁଆର କୋଡ଼ ଯେପରି ସମସ୍ତେ ଦେଖି ପାରିବେ ତାହା ଉପରେ ଧ୍ୟାନ ଦିଆଯିବ। କ୍ୟୁଆର କୋଡ୍ ଓ ଟୋଲ୍-ଫ୍ରି ନମ୍ବର ୧୮୦୦-୧୮୦-୩୦୨୪ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିବ।

## ମଣିପୁରରେ ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ଇମ୍ଫାଲ, ୧୪/୧୨ : ଗତ ୨୪ ଘଂଟା ମଧ୍ୟରେ, ସୁରକ୍ଷା ବାହିନୀ ଏବଂ ମଣିପୁର ପୋଲିସ ମଣିପୁରର ବିଭିନ୍ନ ଜିଲ୍ଲାରେ ବ୍ୟାପକ ଅଭିଯାନ ଚଳାଇଛି, ଅସ୍ତ୍ରଶସ୍ତ୍ର ଜବତ କରିଛି, ଅନେକ ଉଗ୍ରବାଦୀ ସଂଗଠନର ସକ୍ରିୟ କ୍ୟାଡରଙ୍କୁ ଗିରଫ କରିଛି ଏବଂ ଜଣେ ନିଶା ଚୋରା ଚାଲାଣକାରୀଙ୍କୁ ଗିରଫ କରିଛି। ରବିବାର ଦିନ ଜଣେ ପୋଲିସ ମୁଖପାତ୍ର କହିଛନ୍ତି ଯେ, କାକଚିଂ ଜିଲ୍ଲାର ସୁଗନୁ ପୋଲିସ ଷ୍ଟେସନ ଅଂଚଳ ଅନ୍ତର୍ଗତ ମୋଲଟିନଚୈନ ଗ୍ରାମ ଅଂଚଳରେ ଏକ ସର୍ଚ୍ଚ ଅପରେସନ ସମୟରେ, ସୁରକ୍ଷା ବାହିନୀ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ଜବତ କରିଛି। ଉଦ୍ଧାର ସାମଗ୍ରୀ ମଧ୍ୟରେ ରହିଛି ଗୋଟିଏ ଏସଏଲଆର ବିନା ମେଗଜିନ, ସ୍ଥାନୀୟ ଭାବରେ ନିର୍ମିତ ଏକ ବୋଲ୍ଟ-ଆକ୍ସନ୍ ସ୍ନାଇପର ରାଇଫଲ୍ ଖାଲି ମେଗଜିନ ସହିତ, ଗୋଟିଏ ଡିବିବିଏଲ, ଗୋଟିଏ ଏସବିବିଏଲ, ଖାଲି ମେଗଜିନ୍ ସହିତ ଏକ ଲୋକାଲ୍ ମେଡ୍ ପିସ୍ତଲ, ଗୋଟିଏ ୩୬ ଇଂଚ ହ୍ୟାଣ୍ଡ ଗ୍ରେନେଡ ଡେଟୋନେଟର୍ ବିନା, ୭.୬୨ ଏଲଏମଜିର ଏକ ଖାଲି ମେଗଜିନ, ୩ଟି ଟ୍ୟୁବ ଲଂଚିଙ୍ଗ, ଏସଏଲଆରର ୧୫ଟି ଗୁଳି, ୫ଟି ଷ୍ଟନ ଶେଲ ଏବଂ ଗୋଟିଏ ୫୧ ମିମି ଇଂଚର ବୋମା । ମଣିପୁର ପୋଲିସ ବିଷ୍ଣୁପୁର ଜିଲ୍ଲାର କୁମ୍ବି ଥାନା ଅନ୍ତର୍ଗତ କୁମ୍ବି ମାୟାଇ ଲେଇକାଇ ୱାର୍ଡ ନମ୍ବର ୬ ରେ ଥିବା ବାସଭବନରୁ ନିଷିଦ୍ଧ ସଂଗଠନ ପ୍ରିପାକ (ପ୍ରୋ) ର ସକ୍ରିୟ କ୍ୟାଡର ଥାଙ୍ଗଜାମ ପ୍ରିୟୋବାର୍ତା ସିଂ ଓରଫ ୟୋକଖତପା (୩୫)କୁ ଗିରଫ କରିଛି।

## କିସରେ ପୁଣିଜଣେ ଆଦିବାସୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ : ପ୍ରଶାସନ ନିରବ

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ମାତ୍ର ୬ମାସ ବ୍ୟବଧାନରେ ଦୁଇଜଣ ଗରିବ ଆଦିବାସୀ କୋମଳମତି ଛାତ୍ରଙ୍କର ସନ୍ଦେହଜନକ ମୃତ୍ୟୁ ଏବେ ଭୁବନେଶ୍ୱରସ୍ଥିତ 'କିସ' ଶିକ୍ଷାନୁଷ୍ଠାନର ସୁରକ୍ଷା ବ୍ୟବସ୍ଥାର ନଗ୍ନ ଚିତ୍ରକୁ ପଦାରେ ପକାଇ ଦେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗୃହ ଜିଲ୍ଲା କେନ୍ଦୁଝରର ୨ଜଣ ଆଦିବାସୀ ଛାତ୍ରଙ୍କ ସମାନ ଶୈଳୀରେ ମୃତ୍ୟୁ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନହେବା ମଧ ପରୋକ୍ଷରେ 'କିସ'ରେ ରହୁଥିବା ହଜାର ହଜାର ଆଦିବାସୀ ଅନ୍ତେବାସୀ(ପିଲାମାନଙ୍କ) ସୁରକ୍ଷା ଓ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୂର୍ବତନ ସାଂସଦ ଅଚ୍ୟୁତ ସାମନ୍ତଙ୍କ ମାଲିକାନାରେ ଥିବା କିସ୍ ଓ କିଟରେ ପଢୁଥିବା ପିଲାମାନେ କାହିଁକି ଏଭଳି ସନ୍ଦେହଜନକ ସ୍ଥିତିରେ ପ୍ରାଣ ହରାଉଛନ୍ତି ଏବଂ ସରକାର ଓ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ନନେଇ ରହସ୍ୟଜନକ ନିରବତା ଅବଲମ୍ବନ କରୁଛି ତାହା ଏବେ ସାଧାରଣରେ ଉଦବେଗର ବିଷୟ ପାଲଟିଛି । ଡିସେମ୍ବର ୧୨ତାରିଖରେ 'କିସ୍'ରେ ପଢୁଥିବା ନବମ ଶ୍ରେଣୀର ଛାତ୍ର ଶିବ ମୁଣ୍ଡାଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିବା ସହ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

▶▶ପୃଷ୍ଠା ୭

## ଦିଲ୍ଲୀରୁ ଭକ୍ତଙ୍କ ଚେତାବନୀ: ବିଜେପି ସହ ସମ୍ପର୍କରେ ଥିବା ଲୋକ ଦଳ ଛାଡିଯିବା ଉଚିତ୍



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ମୋକିମଙ୍କ ଚିଠିକୁ ନେଇ କଂଗ୍ରେସରେ ଉଠିଥିବା ଝଡ଼ ଥମିବାର ନାଁ ନେଉନି । ବରଂ ବଢ଼ି ବଢ଼ି ଚାଲିଛି । ବିବାଦ ପରେ ପିସିସି ସଭାପତି ଭକ୍ତ ଦାସ ନାଁ ନନେଇ ଚେତାବନୀ ଦେଇଛନ୍ତି । ଏବେ ମୋକିମଙ୍କ ଉପରେ ନଜର। ଥମୁନି କଂଗ୍ରେସ କଳି । ମୋକିମଙ୍କ ଚିଠି ପରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଭକ୍ତ ଚରଣ ଦାସ । ଦିଲ୍ଲୀରେ ଆୟୋଜିତ ଭୋଟ୍ ଚୋରି କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ନାଁ ନନେଇ ଚେତାବନୀ ଦେଇଛନ୍ତି । ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ରଖି କହିଛନ୍ତି, ଯେଉଁ ନେତାମାନେ ବିଜେପି ସମ୍ପର୍କରେ ଅଛନ୍ତି, ସେମାନେ ବିଜେପି ଚାଲିଯିବା ଉଚିତ । ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ ଓ ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ବହୁ ପରିଶ୍ରମ କରି ଦଳକୁ ଆଗକୁ ନେଉଛନ୍ତି । ଦଳର ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ଉଚିତ୍ ନୁହେଁ । କିଛି ଦିନ ତଳେ ମହମ୍ମଦ ମୋକିମ ସୋନିଆ ଗାନ୍ଧୀଙ୍କୁ ଚିଠି ଲେଖି ପିସିସି ସିଭାପତିଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇଥିଲେ । ଲେଖିଥିଲେ ବର୍ତ୍ତମାନର ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ଆଗକୁ ଯାଇପାରିବ ନାହିଁ ।

▶▶ପୃଷ୍ଠା ୭

## ବିଜେପି ଓ କଂଗ୍ରେସର ସମାଲୋଚନା: ବିଜେଡିର ଦୋମୁଁହା ନୀତି, ନବୀନଙ୍କ ରାଜନୈତିକ ନାଟକ



ଭୁବନେଶ୍ୱର, ୧୪/୧୨ (ନି.ପ୍ର): ବର୍ଦ୍ଧିତ ଦରମାକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ବୟାନକୁ ନେଇ ରାଜନୀତି ତେଜିଛି। ଏହାକୁ ନେଇ ଉଭୟ ବିଜେପି ଓ କଂଗ୍ରେସ ସମାଲୋଚନା କରିଛନ୍ତି। ବିରୋଧୀ ଦଳ ନେତାଙ୍କୁ କଟାକ୍ଷ କରି ଉପମୁଖ୍ୟ ମନ୍ତ୍ରୀ କେଭି ସିଂହଦେଓ କହିଛନ୍ତି ନବୀନଙ୍କ ବର୍ଦ୍ଧିତ ଦରମା ନ ନେବା କିଛି ନୁହେଁ ବରଂ ରାଜନୈତିକ ଗୋଟି ଚାଳନା । ସେ ଆହୁରି କହିଛନ୍ତି, ବିରୋଧୀ ଦଳ ନେତାଙ୍କ ପାଖରେ ବିଧାନସଭାରେ କହିବାର ସୁଯୋଗ ଥିଲା। ସେ କାହିଁକି ଆସିଲେନି ଓ ନିଜର ମତ ବିଧାନସଭାରେ ରଖିଲେନି। ତେଣେଏହି ପ୍ରସଙ୍ଗରେ ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ନବୀନ ବାବୁ ବହୁତ ଧନୀ ଲୋକ । ତାଙ୍କର ଦରମାର ଆବଶ୍ୟକତା ନାହିଁ । ଏସବୁ ଡ୍ରାମା । ନବୀନ ବାବୁଙ୍କ ଡ୍ରାମାକୁ ଆଉ କେହି ଗ୍ରହଣ କରୁନାହାନ୍ତି। ଯଦି ବର୍ଦ୍ଧିତ ଦରମାକୁ ନେଇ ବିରୋଧୀ ଦଳ ଗୃହରେ ବିରୋଧ କରିଥାନ୍ତେ, ତେବେ ସରକାରୀ ଦଳ ଏହାକୁ ପ୍ରତ୍ୟାହାର କରିଥାନ୍ତେ। କିନ୍ତୁ ତାହା ନ କରି ନବୀନ ଯେଉଁ କଥା କହୁଛନ୍ତି, ତାହାକୁ କେହି ଠିକ୍ ଢଙ୍ଗରେ ଗ୍ରହଣ କରିବେନି। ଅନ୍ୟପଟେ ବିରୋଧୀ ଦଳ ନେତା ବର୍ଦ୍ଧିତ ଦରମା ନ ନେବା ବିଜେଡିର ଦୋମୁଁହା ନୀତି ବୋଲି ସମାଲୋଚନା କରି କଂଗ୍ରେସ ନେତା ପବିତ୍ର ସାଉଁନ୍ତା କହିଛନ୍ତି ଯଦି ବିରୋଧୀ ଦଳ ନେତାଙ୍କ ଦରମା ନେବାର ନ ଥିଲା କାହିଁକି ବିଧାନସଭାରେ ବିଲକୁ ବିଜେଡି ସମର୍ଥନ କଲା। ଯେତେବେଳେ ବିଧାନସଭାରେ ବିଲ୍ ପାରିତ ହେଉଥିଲା, ସେତେବେଳେ ବିଜେଡି ଦଳର ସବୁ ସଦସ୍ୟ ଓ ବିରୋଧୀ ଦଳ ମୁଖ୍ୟ ସଚେତକ ସମସ୍ତେ ଉପସ୍ଥିତ ରହି ଦରମା ବୃଦ୍ଧି ବିଲକୁ ସମର୍ଥନ କରିଥିଲେ। ହେଲେ ଏବେ ପଲିଟିକାଲ୍ ଷ୍ଟଣ୍ଟ ପାଇଁ ବିରୋଧୀ ଦଳ ନେତା

▶▶ପୃଷ୍ଠା ୭

## ଧର୍ମଶାଳାରେ ତୁମୁଳକାଣ୍ଡ: ପୂର୍ବତନ ବିଧାୟକଙ୍କ ଫାର୍ମ ହାଉସରେ ମାରପିଟ୍, ଭଙ୍ଗାରୁଜା

ଯାଜପୁର, ୧୪/୧୨ (ନି.ପ୍ର): ସୋସିଆଲ ମିଡିଆରେ କମେଣ୍ଟକୁ ନେଇ ଧର୍ମଶାଳାରେ ତୁମୁଳକାଣ୍ଡ । ଯାଜପୁର ଜିଲ୍ଲା ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଦୀର୍ଘଦିନ ପରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି । ଆଜି ଦିନରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସରେ ମାରପିଟ୍, ଭଙ୍ଗାରୁଜା ହୋଇଛି । ଏହି ଗଣ୍ଡଗୋଳ ହିମାଂଶୁ ଶେଖର ସାହୁ ଓ ପ୍ରଣବଙ୍କ ସମର୍ଥକଙ୍କ ମଧ୍ୟରେ ହୋଇଛି । ଏଥିରେ ଉଭୟ ପକ୍ଷର ଏକାଧିକ ଆହତ ହେଇଛନ୍ତି । ଆଜି ପ୍ରଣବଙ୍କ କିଛି ସମର୍ଥକ ପନ୍ତୁରି ନିକଟ ଫାର୍ମ ହାଉସରେ ଭୋଜି କରୁଥିବା ବେଳେ ଏହି ଗଣ୍ଡଗୋଳ ଘଟିଛି । ତେବେ ବିଜେଡି କର୍ମୀ ମାନେ ଭୋଜି କରୁଥିବା ବେଳେ ହିମାଂଶୁଙ୍କ ସମର୍ଥକ ଅଚାନକ ଆକ୍ରମଣ କରିଥିବା ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି । ଗଣ୍ଡଗୋଳରେ କେତେକ ଗାଡ଼ି ଭାଙ୍ଗିରୁଜି ଯାଇଥିବା ବେଳେ ଆହତ ମାନଙ୍କୁ ଜେନାପୁର ପୋଲିସ ଉଦ୍ଧାର କରିଛି । ଅନ୍ୟ ପକ୍ଷରେ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ସେହି ବାଟ ଦେଇ ଯାଉଥିବା ସମୟରେ ପ୍ରଣବଙ୍କ ସମର୍ଥକ ମାନେ ତାଙ୍କୁ ଅଟକାଇ ଆକ୍ରମଣ କରିଥିବା ବିଧାୟକଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ହିଂମାଶୁ ଶେଖର ସାହୁଙ୍କ ସମର୍ଥକ ଥାନାରେ ଏତଲା ଦେଇଛନ୍ତି । ପୁଲିସ ସଂପୃକ୍ତ ଅଂଚଳରେ ପାଇଁତରା ମାରୁଛି ।

## 'ଆତଙ୍କବାଦ ପ୍ରତି ଶୂନ ସହନଶୀଳତା': ସିଡନୀ ଆତଙ୍କବାଦୀ ଆକ୍ରମଣକୁ ମୋଦୀଙ୍କ ନିନ୍ଦା



ନୂଆଦିଲ୍ଲୀ,୧୪/୧୨ : ଅଷ୍ଟ୍ରେଲିଆର ସିଡନୀରେ ହନୁକା ଉତ୍ସବ ପାଳନ କରୁଥିବା ଇହୁଦୀ ସଂପ୍ରଦାୟର ଲୋକମାନଙ୍କୁ ଟାର୍ଗେଟ କରି ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିନ୍ଦା କରିଛନ୍ତି । ସେ ମଧ ଏହି ଆକ୍ରମଣରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରମାନଙ୍କ ପ୍ରତି ଗଭୀର ସମବେଦନା ପ୍ରକାଶ କରିଥିଲେ। ସେ ଆଶ୍ୱାସନା ଦେଇଥିଲେ ଯେ ଏହି ଦୁଃଖର ମୁହୂର୍ତ୍ତରେ ଭାରତ ଅଷ୍ଟ୍ରେଲିଆର ଲୋକଙ୍କ ସହିତ ସମ୍ପୂର୍ଣ୍ଣ ଏକତାରେ ଠିଆ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ଲେଖିଛନ୍ତି, 'ଆଜି ଅଷ୍ଟ୍ରେଲିଆର ବଣ୍ଡି ବିଚ୍ ରେ ଘଟିଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଏହି ଆକ୍ରମଣ ହନୁକା ପର୍ବ ପାଳନ କରୁଥିବା ଇହୁଦୀ ଲୋକଙ୍କୁ ଟାର୍ଗେଟ କରି କରାଯାଇଥିଲା। ଭାରତ ପକ୍ଷରୁ, ମୁଁ ସେମାନଙ୍କ ପ୍ରିୟଜନଙ୍କୁ ହରାଇଥିବା ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରୁଛି। ଏହି ଦୁଃଖର ମୁହୂର୍ତ୍ତରେ ଆମେ ଅଷ୍ଟ୍ରେଲିଆର ଲୋକଙ୍କ ସହିତ ଠିଆ ହୋଇଛୁ। ଆତଙ୍କବାଦ ପ୍ରତି ଭାରତ ଶୂନ୍ୟ ସହିଷ୍ଣୁତା ରଖେ ଏବଂ ଆତଙ୍କବାଦର ସମସ୍ତ ପ୍ରକାର ଏବଂ ରୂପ ବିରୋଧୀ ଅଭିଯାନକୁ ସମର୍ଥନ କଲେ । ସୂଚନାଯୋଗ୍ୟ ଯେ ଏହି ଆକ୍ରମଣରେ ୧୧ ଜଣ ସାଧାରଣ ଲୋକ

▶▶ପୃଷ୍ଠା ୭

## ସତ୍ୟର ସହ ମୋଦୀ ଓ ଶାହଙ୍କୁ କ୍ଷମତାରୁ ହଟାଇବୁ : ରାହୁଲ ଗାନ୍ଧି



ନୂଆଦିଲ୍ଲୀ,୧୪/୧୨ : ସତ୍ୟ ଓ କ୍ଷମତା ମଧ୍ୟରେ ଲଢେଇ ଚାଲିବ । ସତ୍ୟ ମାଧ୍ୟମରେ ମୋଦୀ ଓ ଶାହାଙ୍କୁ କ୍ଷମତାରୁ ହଟାଇବୁ ବୋଲି ଦାବି କରିଛନ୍ତି କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧି । ଦିଲ୍ଲୀର ରାମଲୀଳା ମଇଦାନରେ 'ଭୋଟ୍ ଚୋରି'

▶▶ପୃଷ୍ଠା ୭

# କାଳିଆମାଳି ପାହାଡରେ ପରବ ମାଉଂଟ ଟ୍ରେକିଙ୍ଗ ଆୟୋଜିତ

ଜୟପୁର,୧୪/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଚଳିତ ବର୍ଷ ପରବ ୨୦୨୫ ର ପର୍ବତାରୋହଣ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆଜି ନାରାୟଣପାଟଣା ବ୍ଲକ ବିଜାଘାଟି ପଂଚାୟତ ଝଡିପଦର ନିକଟ କାଲିଆ ମାଳି ପାହାଡରେ ବେଶ ଆଡ଼ମ୍ବର ସହକାରେ ଆୟୋଜିତ ହୋଇଯାଇଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ପହଂଚି ଥିଲେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ଓ ବିଜାଘାଟିରୁ ପତାକା ଦେଖେଇ ପର୍ବତାରୋହଣ ପ୍ରତିଯୋଗିତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଜିଲ୍ଲାପାଳ। ଏହି ପ୍ରତିଯୋଗିତାରେ ସମସ୍ତ ପ୍ରତିଯୋଗୀଙ୍କୁ ପରବ ଟି ସାର୍ଟ ପ୍ରଦାନ କରାଯାଇଥିଲା । ତିନି କିଲୋମିଟର ପାହାଡିଆ ରାସ୍ତାରେ ଚାଲି ଚାଲି ପ୍ରତିଯୋଗୀତା ମାନେ ଭାଗ ନେଇଥିଲେ । ଆଉ ପ୍ରତିଯୋଗିତା ମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନ ଉପସ୍ଥିତ ଥିଲେ। ମଂଚରେ ନିମନ୍ତ୍ରିତ ଅତିଥି ସମେତ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ଉପାଧକ୍ଷ ରିନୁଦାସ, ସରପଂଚ ପିଲିବ ଶିରିକା ପ୍ରମୁଖ ଉପସ୍ଥିତ ଥିଲେ। କାଲାଆମାଳି ପାହାଡକୁ ଚଳିତ ବର୍ଷ ଜିଲ୍ଲା ପ୍ରଶାସନ ପର୍ବତାରୋହଣ ପ୍ରତିଯୋଗିତା କରାଇବା ପାଇଁ ସହଯୋଗ କରିଥିବା ବ୍ଲକ ପ୍ରଶାସନ ଏବଂ ଉପସ୍ଥିତ ଯୁଗ ବର୍ଗଙ୍କୁ ଧନ୍ୟବାଦ ଜଣାଇ ଥିଲେ ଜିଲ୍ଲାପାଳ । କାଲିଆ ମାଳି ପାହାଡ ଏବେ ପର୍ଯ୍ୟଟନ ସ୍ଥଳୀ ପାଇଁ ଜିଲ୍ଲା ପ୍ରଶାସନ ବହୁ ବିକାଶମୂଳକ କାର୍ଯ୍ୟ ପନ୍ଥା ହାତକୁ ନେଇଛି । ଏଠାକାର ଯୁବଗୋଷ୍ଠୀ, ସ୍ଥାନୀୟ ମହିଳା, ଅଂଚଳର ବିକାଶ ପାଇଁ ବ୍ଲୁ ପ୍ରିଂଟ ପ୍ରସ୍ତୁତ କରାଯାଇଛି। ଏଠାରେ ଆଲବମ୍, ଟଲିଉଡ୍ ଚଳଚିତ୍ର ସୁଟିଂ ପାଇଁ ନିର୍ମାତାଙ୍କ ଚରାଭୂଇଁ ପାଲଟିଛି । ଆଗକୁ ବଡ଼ ବଡ଼ ବଜେଟ୍ ରେ ଫିଲ୍ମ ନିର୍ମାତା ଆସିବାର ସମ୍ଭାବନା ରହିଥିବା ଜିଲ୍ଲାପାଳ କହିଥିଲେ । ବହୁତ ଶୀଘ୍ର କାଲିଆ ମାଳି ପାହାଡ କୋରାପୁଟର ପର୍ଯ୍ୟଟନ ମାନଚିତ୍ରରେ ଯୋଡିହେବାକୁ ଯାଉଥିବା ଉଲେଖ୍ୟ କରିଥିଲେ । ଖାସ୍ କରି ସେମିଳିଗୁଡା, କୋରାପୁଟ, ସୁନାବେଡା ବିଜାଘାଟି ପଂଚାୟତର ଯୁବଗୋଷ୍ଠୀ ଛାତ୍ରଛାତ୍ରୀ ଯେଉଁଭଳି ଭାବେ ଏତେ ଶୀତରେ ଆସି ପ୍ରତିଯୋଗିତାରେ ଭାଗ ନେଇ ସଫଳ କରିଛନ୍ତି ସେମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ କୃତି ପ୍ରତିଯୋଗୀଙ୍କୁ ମେଡାଲ୍ ସହ ମାନପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଶେଷରେ କୋରାପୁଟ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

# ଜେଜେବାପା ଜେଜେମା ସମ୍ମିଳନୀ

ଜୟପୁର,୧୪/୧୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗର ,ଜୟପୁର ଠାରେ ଜେଜେବାପା ଓ ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଅଜୟ କୁମାର ରାଉତ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଦସ୍ୟା ଗୌରୀ ପଣ୍ଡା ଏବଂ ପ୍ରଧାନ ଆଚାର୍ଯ୍ୟ ଡକ୍ଟର ରମଣୀ ରଞ୍ଜନ ଦାସଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜେଜେବାପା ଏବଂ ଜେଜେମା ଙ୍କ ଅନୁଭୂତି କଥନ ସହ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ଯଥା ଅମୃତ କଳସ, ହୁଳହୁଳି ଏବଂ ଶୃଙ୍ଗାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

# ଚାଷ ଜମି ଉପରେ ବିଦ୍ୟୁତ୍ ଟାୱାର ନିର୍ମାଣକୁ ବିରୋଧ

ଧର୍ମଶାଳା,୧୪/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଗଙ୍ଗାଧରପୁର ପଂଚାୟତ ବାହାଗଡ଼ା ମୌଜାରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାକୁ ସ୍ଥାନୀୟ ଅଂଚଳବାସୀ ବିରୋଧ କରିଛନ୍ତି । ଚିହ୍ନଟ ହୋଇଥିବା ବ୍ୟକ୍ତିଗତ ଜମି ପରିବର୍ତ୍ତେ ନିକଟରେ ଥିବା ସରକାରୀ ଜମିରେ ଟାୱାର ନିର୍ମାଣ କରାଗଲେ ଜମିମାଲିକମାନେ କ୍ଷତିଗ୍ରସ୍ତ ହେବେ ନାହିଁ । ଏ ସଂପର୍କରେ ଜମିମାଲିକ, ଚାଷୀ ଓ ଗ୍ରାମବାସୀ ପ୍ରଶାସନ ଏବଂ ନିର୍ମାଣକାରୀ ସଂସ୍ଥାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତହସିଲଦାରଙ୍କ କୋର୍ଟରେ ହାଜର ହୋଇ ଆକଳନ ହୋଇଥିବା କ୍ଷତିପୂରଣ ରାଶି ସଂପର୍କରେ ଆଲୋଚନା ପାଇଁ ଜମିମାଲିକ ମାନଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅଭିଯୋଗରୁ ପ୍ରକାଶ ଯେ, ଓପିଟିସିଏଲ୍ ପକ୍ଷରୁ ଏବେ ଡୁବୁରିଠାରୁ ପାରାଦୀପ ପର୍ଯ୍ୟନ୍ତ ଟାୱାର ମାଧ୍ୟମରେ ୪୪୦/୨୨୦କେଭି ଉଚ୍ଚଶକ୍ତି ସଂପନ୍ନ ବିଦ୍ୟୁତ୍ ତାର ଟଣାଯିବାକୁ ନିଷ୍ପତି ହୋଇଛି । ଏଥିପାଇଁ ବାହାଗଡ଼ା ମୌଜାର ୧୭୧ ନମ୍ବର ପ୍ଲଟରେ ବିଦ୍ୟୁତ୍ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ରହିଥିବା ବେଳେ ୧୨୨, ୧୩୬, ୧୬୭, ୧୬୮, ୧୬୯, ୧୭୦, ୧୭୨, ୧୭୩, ୧୭୪, ୧୭୫, ୧୭୬ ଓ ୨୦୦ ନମ୍ବର ପ୍ଲଟ୍‌ରେ ବିଦ୍ୟୁତ୍ ତାର ଟଣାଯିବା ନେଇ ସଂପୃକ୍ତ ଜମିମାଲିକମାନଙ୍କୁ ନୋଟିସ୍ କରାଯାଇଛି । ଉକ୍ତ ୧୩ଟି ପ୍ଲଟ୍‌ରେ ବିଦ୍ୟୁତ୍ ଟାୱାର ନିର୍ମାଣ ଓ ତାର ଟଣାଗଲେ ପ୍ରାୟ ୫ ଏକର ଜମିର ମାଲିକମାନଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ । ଏଥିପାଇଁ କଂପାନୀକୁ ଅଧିକ କ୍ଷତି ସହିବାକୁ ପଡ଼ିବ । ପ୍ରସ୍ତାବିତ ସ୍ଥାନରେ ଟାୱାର ସ୍ଥାପନ କରାଗଲେ ଜନବସତି ନିକଟରେ ବିପଦସଂକୁଳ ଅବସ୍ଥା ସୃଷ୍ଟି ହେବ । ଚାଷଜମିକୁ ହଳବଳଦ ନେବାରେ ଅସୁବିଧା ସହ ଗ୍ରାମବାସୀ, ସ୍କୁଲ, କଲେଜ୍ ଛାତ୍ରଛାତ୍ରୀ ଓ ଗୃହପାଳିତ ପଶୁଙ୍କ ଯାତାୟତ ବାଧାପ୍ରାପ୍ତ ହେବ । ନିକଟସ୍ଥ ସରକାରୀ ଜମି ୧୭୭ ନମ୍ବର ପ୍ଲଟ୍(୯୨ ଡିସିମିଲ)ର ପୂର୍ବଭାଗରେ ଟାୱାର ନିର୍ମାଣ ଓ ତାର ଟଣାଗଲେ କେବଳ ଗୋଟିଏ ପ୍ଲଟ୍ କ୍ଷତିଗ୍ରସ୍ତ ହେବ । ଏଥିରେ କଂପାନୀ ଅଧିକ କ୍ଷତିଗ୍ରସ୍ତ ହେବନାହିଁ । ଗତ ୨୦୨୨ରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ବିଦ୍ୟୁତ୍ ଲାଇନ୍ ଟ୍ରାକ୍ ପାଇଁ ଥାନୁଆଳ, ଖୁଂଟା, ଗୁଆରଙ୍ଗ ଓ ପଲାର ମୌଜାରେ କୌଣସି ପରିବର୍ତନ କରାଯାଇନଥିବା ବେଳେ କାହା ସ୍ୱାର୍ଥରେ ଅର୍ଜୁନପୁର ଓ ବାହାଗଡ଼ା କ୍ଷେତ୍ରରେ ଟାୱାର ନିର୍ମାଣସ୍ଥଳ ଓ ତାର ଟଣାର ଦିଗ ପରିବର୍ତନ କରାଯାଇଛି ବୁଝା ପଡୁନାହିଁ । ଧାନକଟା ପରେ ଓପିଟିସିଏଲ, ରାଜସ୍ୱ ବିଭାଗ, ସଂପୃକ୍ତ ଜମିମାଲିକ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ତଦନ୍ତ କରାଯାଇ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ବାହାଗଡ଼ା ଶବରସାହି, ଭୋଇସାହି ଅଂଚଳର ଚାଷୀମାନେ ଦାବି କରିଛନ୍ତି । ଟାୱାର ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ନିଷ୍ପତିର ପୁର୍ନବିଚାର ନକଲେ ପ୍ରସ୍ତାବିତ ପ୍ଲଟ୍‌ର ମାଲିକ ବିଜୟ ପ୍ରସାଦ ରାୟ, ପୂର୍ଣ୍ଣଚନ୍ଦ୍ର ରାୟ, ନୃସିଂହ ଚରଣ ମିଶ୍ର, କଳ୍ପତରୁ ସାହୁ, ସରପଂଚ ତ୍ରିଲୋଚନ ଜେନା, ସଦାନନ୍ଦ ସାମଲ, ମକରଧ୍ୱଜ ସାମଲ, ପଦ୍ମନାଭ ସାମଲ, ଶ୍ୟାମସୁନ୍ଦର ସାମଲ, ଭାସ୍କର ସିଂ, ମିଟୁ ସାମଲ, ମଞ୍ଜୁଲତା ସାମଲ, ରଞ୍ଜିତା ସାମଲ, ବିଜୟ ସାମଲ, ଦେବେନ୍ଦ୍ର ଭୋଇ, ମାଧବ ଭୋଇ, ରମେଶ ଭୋଇ, ରବୀନ୍ଦ୍ର ଭୋଇ ପ୍ରମୁଖ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଖମୁଆଁ ଗ୍ରାମରେ ମା’ ବଡ଼େଇଶୁଣୀଙ୍କ ବାଲି ଓଷା ଉଦ୍‌ଯାପିତ

କେନ୍ଦୁଝର,୧୪/୧୨ (ନି.ପ୍ର): ପାଟଣା ବ୍ଲକ ସାରାସକୋଲା ଗ୍ରାମପଂଚାୟତର ଖମୁଆଁ ଗ୍ରାମରେ ମା ବଡ଼େଇଶୁଣୀ ଠାକୁରାଣୀଙ୍କ ବାଲି ଓଷା ଆଜି ଉଦଯାପିତ ହୋଇଯାଇଛି। ଚଳିତ ବର୍ଷ ଭାଦ୍ରବ ମାସରୁ ଏହି ଓଷା ଆରମ୍ଭ ହୋଇ ଆଜି ଉଦଯାପିତ ହୋଇଛି। ଗ୍ରାମରେ ଏହି ବାଲି ଓଷା ପୂର୍ବ ବହୁ ବର୍ଷ ହେଲା ପାଳିତ ହୋଇଆସୁଛି। ଏହି ପର୍ବକୁ ଅତି ନିଷ୍ଠାର ସହିତ ପାଳନ କରାଯାଇଥାଏ। ସେଥିପାଇଁ ଭକ୍ତମାନେ ଠାକୁରାଣୀଙ୍କ ପାଖରେ ନଡ଼ିଆ, କଦଳୀ, ସେଓ, ଅଙ୍ଗୁର, ଡାଳିମ୍ବ ଆଦି ଫଳ ଭୋଗ ସହିତ ବଳି ପ୍ରଥାରେ କୁକୁଡ଼ା, ବୋଦା ଓ ଅନ୍ୟାନ୍ୟ ଭୋଗ ଅର୍ପଣ କରି ମାନସିକ କରିଥିଲେ। ପ୍ରତିଦିନ ଠାକୁରାଣୀଙ୍କ ସ୍ତୁତି ଗାନ ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଲୋଡି ଓ କଣ୍ଢେଇ ନାଚ ପରିବେଷଣ କରାଯାଉଥିଲା। ଏହି ବାଲି ଓଷାକୁ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଶହ ଶହ ଭକ୍ତ ଆସି ଯୋଗ ଦେଇଥିଲେ। ମାନସିକ କରିଥିବା ଭକ୍ତମାନେ ନିଆଁ ଖନ୍ଦାରେ ଚାଲିବା ଏକ ଐଶରିକ ଶକ୍ତିର ବିଶ୍ୱାସ କୁ ଦୃଢ଼ କରିଥିଲା। ଏହି ଓଷାକୁ ଗ୍ରାମ ଠାକୁରାଣୀଙ୍କ ପୂଜକ ଯତୀନ୍ଦ୍ର ଦେହୁରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଗାଉଣୀ ଭାବରେ ଭୁବନ ନାଏକ ଠାକୁରାଣୀଙ୍କ ସ୍ତୁତି ଗାନ କରିଥିଲେ। ଏହି ଓଷାରେ ଖମୁଆଁ ଗ୍ରାମର ସମସ୍ତ ଗ୍ରାମବାସୀ ବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

# ମହାନଦୀ ବିବାଦରେ ଓଡିଶାର ବ୍ୟୟବହୁଳ ଲଢେଇ : ଫଳାଫଳ ସନ୍ତୋଷଜନକ ନୁହେଁ : ହେମନ୍ତ ପଣ୍ଡା

ବଲାଙ୍ଗିର,୧୪/୧୨ (ନି.ପ୍ର): ମହାନଦୀ ଜଳ ବିବାଦକୁ ନେଇ ଗଠିତ ଟ୍ରିବ୍ୟୁନାଲରେ ଓଡିଶା ସରକାର ଦ୍ୱାରା ନିଯୁକ୍ତ ଆଇନଜୀବୀ, ସିନିଅର ଆଡଭୋକେଟ ଓ ଲ’ ଫାର୍ମମାନଙ୍କୁ ବିପୁଳ ଅର୍ଥରାଶି ପ୍ରାପ୍ୟ ବାବଦକୁ ଦିଆଯାଉଥିଲେ ମଧ୍ୟ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରୁ ରାଜ୍ୟ ବିଶେଷ ସଫଳତା ପାଇନଥିବା ବଲାଙ୍ଗିରର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ଶ୍ରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ତଥ୍ୟରେ ଉଲ୍ଲେଖ ରହିଛି ଯେ, ଗତ ୨୯/୧୧/୨୦୧୬ରେ ତତ୍କାଳୀନ ବିଭାଗୀୟ ପ୍ରମୁଖ ସଚିବ ପ୍ରଦୀପ ଜେନା ଅଗ୍ରଓ୍ୱାଲ ଲ’ ଏସୋସିଏଟସ୍ ର ଇସି ଅଗ୍ରଓ୍ୱାଲଙ୍କୁ ପତ୍ର ମାଧ୍ୟମରେ ବିଭିନ୍ନ ଆଇନଜୀବୀ ଓ ଲ’ ଫର୍ମ ଗୁଡିକର ଫି ଷ୍ଟ୍ରକ୍‌ଚର ଗୁଡିକୁ ସରକାର ମଞ୍ଜୁର କରିଥିବା ଜଣାଇଥିଲେ । ଏହି ପତ୍ର ଅନୁଯାୟୀ ଅଗ୍ରଓ୍ୱାଲ ଏସୋସିଏଟ୍ସ ?ର ପ୍ରତ୍ୟେକ ହାଜିରା ପାଇଁ ୭୫ ହଜାର ଟଙ୍କା, ଆଉଟ ଷ୍ଟେସନ ଫି ଦୈନିକ ୨୨୫୦୦୦, ପ୍ରସ୍ତୁତି ତଥା ବରିଷ୍ଠ ଓକିଲଙ୍କ ସହ ପରାମର୍ଶ ପାଇଁ ଘଂଟା ପିଛା ୧୫୦୦୦ ଟଙ୍କା ଓ କ୍ଲର୍କେଜ ପାଇଁ ଫିର ୧୦ ପ୍ରତିଶତ ଉଲ୍ଲେଖ ରହିଥିବା ବେଳେ ଆଇନଜୀବୀ କରନ ଲାହିରିଙ୍କ ପାଇଁ ମୋକଦ୍ଦମା ପ୍ରସ୍ତୁତି ଓ ଅଧିକାରୀଙ୍କ ସହ ଆଲୋଚନା ଇତ୍ୟାଦି ପାଇଁ ଘଂଟା ପ୍ରତି ୧୧୦୦୦ ଟଙ୍କା, ପ୍ରତ୍ୟେକ ହାଜିରା ପାଇଁ ୨୫୦୦୦ ଟଙ୍କା, ଆଉଟ ଷ୍ଟେସନ ଫି ୪୪ ହଜାର ଟଙ୍କା ଇତ୍ୟାଦିକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଥରବା ଉଲ୍ଲେଖ ରହିଛି । ପୁଣି ୨୯ ଜୁଲାଇ ୨୦୧୯ ମସିହାରେ ମୋହନ ଭି କଟର୍କିଙ୍କ ଫି ବୃଦ୍ଧିକୁ ମଞ୍ଜୁରୀ ଦିଆଯାଇଥିବା କଥା ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ଲାଲା ମନୋଜ କୁମାର ରାୟ ପତ୍ରରେ ଉଲ୍ଲେଖ କରିଛନ୍ତି । ଆଇନଜୀବୀ ଡ. ଆନନ୍ଦିତା ପୁଜାରୀ ଓ ରନବୀର ସିଂଙ୍କ ଫି ଷ୍ଟ୍ରକଚର ମଧ୍ୟ ସୂଚନା କର୍ମୀ ଶ୍ରୀ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି । ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲରେ ଶୁଣାଣି ପିଛା ରାଜ୍ୟ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଓଡିଶା ସପକ୍ଷରେ କୌଣସି ସଫଳତା ବର୍ତ୍ତମାନ ପର୍ଯ୍ୟନ୍ତ ମିଳି ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଛତିଶଗଡ ସରକାର ଏକତରଫା ଭାବେ ମହାନଦୀ ପାଣି ବ୍ୟବହାର କରି ଓଡିଶା ପ୍ରତି ଦୀର୍ଘ ବର୍ଷ ଧରି କରି ଆସୁଥିବା ଅନ୍ୟାୟର ଆଶୁ ସମାଧାନ ପାଇଁ ଓଡିଶା ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବା ଏକ ସକାରାତ୍ମକ ପଦକ୍ଷେପ ବୋଲି ଶ୍ରୀ ପଣ୍ଡା କହିବା ସଙ୍ଗେ ଟ୍ରିବ୍ୟୁନାଲରୁ ଓଡିଶାକୁ ନିକଟ ଭବିଷ୍ୟତରେ ବିଶେଷ ଫାଇଦା ମିଳିବା ଆଶା କ୍ଷୀଣ ବୋଲି ମଧ୍ୟ ସେ କହିଛନ୍ତି ।

# ବନ ବିହାର କାର୍ଯ୍ୟକ୍ରମ ଆୟୋଜିତ

ଜୟପୁର,୧୪/୧୨ (ନି.ପ୍ର): ସୁନାବେଡା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ସୁନାବେଡ଼ା ର ବନବିହାର କାର୍ଯ୍ୟକ୍ରମ ଘାଟଗୁଡ଼ା ଜଳଭଣ୍ଡାର ନିକଟରେ ଆୟୋଜିତ ହୋଇଥିଲା ଯେଉଁଥିରେ କି ୩୨ ଜଣ ଗୁରୁଜୀ ଗୁରୁମାଙ୍କ ସମେତ ପ୍ରାୟ୬୦୦ ଜଣ ଶିଶୁ ଭାଇ ଭଉଣୀ ଯୋଗ ଦେଇଥିଲେ । ଚିରଞ୍ଜିବି ପରିଚ୍ଛା ମୂଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ବିଜୟ ହନ୍ତାଳ, ସୌମ୍ୟରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ରେ ରଶ୍ମିତା ରାଉତ, ମିତାଞ୍ଜଳୀ ପାଢ଼ୀ,ରାଜଲକ୍ଷ୍ମୀ ଦାସ, ବଙ୍ଗୁଚରଣ ସେଠୀ, ପୁଷ୍ପଲତା ପାତ୍ର ଏବଂ ଗନିତା ନାୟକ।

# ଅନ୍ୱେଷା ହଷ୍ଟେଲ ଛାତ୍ରଛାତ୍ରୀଙ୍କ ସଫଳତା

କେନ୍ଦୁଝର,୧୪/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲାର ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଅନ୍ୱେଷା ଛାତ୍ରାବାସର ଛାତ୍ରଛାତ୍ରୀମାନେ ବିଦ୍ୟାଳୟର ବାର୍ଷିକ ଖେଳ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି । କେନ୍ଦୁଝର ନିର୍ମଳା କନଭେଂଟ ସ୍କୁଲର ବାର୍ଷିକ ଖେଳକୁଦ ମହୋତ୍ସବରେ କେନ୍ଦୁଝର ଅନ୍ୱେଷା ହଷ୍ଟେଲର ଛାତ୍ରୀ ଡଲି ମାଝୀ, ଦେବଯାନୀ ମାଝି, ଗାୟତ୍ରୀ ଜେନା, ଅର୍ଚ୍ଚନା ନାୟକ, ନମିତା ନାଏକ ଖୋ ଖୋ ଖେଳ ରେ ପ୍ରଥମ ପୁରସ୍କାର ଭାବରେ ଗୋଲ୍ଡ ମେଡ଼ାଲ ପାଇଛନ୍ତି । କବାଡି ଖେଳ ପ୍ରଦର୍ଶନରେ ଡଲି ମାଝି, ଦେବଯାନୀ ମାଝି ରୌପ୍ୟ ପଦକ ହାସଲ କରିଛନ୍ତି । ରିଲେ ଖେଳରେ ଚିତ୍ରରେଖା ମାଝି ବ୍ରୋଞ୍ଜ ପଦକ ଓ ଡଲି ମାଝି ରୌପ୍ୟପଦକ ହାସଲ କରି ଅନ୍ୱେଷା ହଷ୍ଟେଲକୁ ଗୌରବାନ୍ୱିତ କରିଛନ୍ତି । ସେହିପରି ବାଳକ ବର୍ଗର ସିନିୟର ଦୀପକ ମାଝୀ, ମିହିର ରଞ୍ଜନ ଜେନା, ପଙ୍କଜ ମାଝୀ, ସମ୍ଭୁନାଥ ମାଝି, ଅଂଶୁମାନ ଜେନା, ରାମଚନ୍ଦ୍ର ମୁର୍ମୁ, ବିକାଶ ଶତପଥୀ ଖୋ ଖୋ ରେ ସ୍ୱର୍ଣ ପଦକ ହାସଲ କରିଛନ୍ତି ଏବଂ କବାଡି ପ୍ରତିଯୋଗିତାରେ ରୌପ୍ୟପଦକ ଜିତିଛନ୍ତି। ସିନିୟର୍ ବାଳକ କବାଡି ଖେଳରେ ଗୋବିନ୍ଦ ଲାଲ ଟୁଡୁ ସୂର୍ଣ୍ଣ ପଦକ, ଅଖିଳ ନାଏକ ଓ ସିପୁନ ମାଝି ଖୋ ଖୋ ରେ ରୌପ୍ୟପଦକ, ୧୦୦ ମିଟର ଦୌଡରେ ଦୀପକ ମାଝି ରୌପ୍ୟପଦକ, ୨୦୦ ମିଟର ରେ ବ୍ରୋଞ୍ଜ ପଦକ, ୪୦୦ ମିଟର ଦୌଡରେ ମିହିର ରଞ୍ଜନ ଜେନା ରୌପ୍ୟପଦକ ହାସଲ କରି ଅନ୍ୱେଷା ହଷ୍ଟେଲର ସୁନାମ ଆଣିଛନ୍ତି । ପ୍ରକାଶ ଥାଉକି, ହଷ୍ଟେଲର ବହୁ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ସକ୍ରିୟ ଅଂଶଗ୍ରହଣ କରି ଜିଲ୍ଲା ଓ ରାଜ୍ୟ ବାହାର ଉନ୍ନତ ଖେଳ ପ୍ରଦର୍ଶନ କରି ବିଦ୍ୟାଳୟ ଓ ହଷ୍ଟେଲ ପାଇଁ ସୁନାମ ଆଣିଛନ୍ତି । ଏଥିନେଇ ହଷ୍ଟେଲ ପରିଚାଳକ ସନ୍ତୋଷ କୁମାର ସାହୁ ଓ ସହ ପରିଚାଳକ ବିକାଶ ଦାସ, ଓ୍ୱାଡେନ ରକ୍ମଣୀମହାନ୍ତ, ମେଟ୍ରୋନ, ସିସିଏ ଓ ଅଭିଭାବକ ଖୁସିବ୍ୟକ୍ତ କରିବା ସହ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତରେ ୬୫୧୫ ମାମଲାର ଫଇସଲା

ଜୟପୁର,୧୪/୧୨ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ୱାବଧାନରେ ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଦାଲତରେ ଜିଲ୍ଲା ଦୌରାଜଜ କୋରାପୁଟ ପ୍ରଦୀପ କୁମାର ମହନ୍ତ, ପରିବାର ଅଦାଲତ ବିଚାରପତି ନିଶିଥ୍ ନିଶାଙ୍କ, ବରିଷ୍ଠ ଦେବାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଅଳକନନ୍ଦା ମହାନ୍ତି, ରେଜିଷ୍ଟ୍ରାର ସିଭିଲ୍ କୋର୍ଟ ତଥା ଭାରପ୍ରାପ୍ତ ସଚିବ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ବିଷ୍ଣ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ହରମନ ଦାଶ, ପ୍ରଥମ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକାରୀ ସୁଶ୍ରୀ ଦୀକ୍ଷ୍ୟା ରାଉତରାଏ, ପ୍ରଜ୍ଞାସୁମନ ମହାପାତ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟରେ ବିଭିନ୍ନ ବେଂଚରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର, ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ରହିଥିବା କୋର୍ଟ ପରିସରରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଇଥିଲା। ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର, ଆଂଚଳିକ ପରିବହନ କାର୍ଯ୍ୟାଳୟ, ମାନଙ୍କ ଦ୍ୱାରା ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇଥିଲା ।ଏହି ୪ର୍ଥ ରାଷ୍ଟ୍ରୀୟ ଲୋକଅଦାଲତରେ ୨୧ ଗୋଟି ଅପରାଧିକ କମ୍ପାଉଣ୍ଡେବଲ୍ ଅପରାଧ ମାମଲା ଫୈଇସଲା କରାଯାଇଥିଲା। ୨୯ ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୩୧୬୧୫୦୦୦ ଟଙ୍କା କ୍ଷତିପୂରଣ ଦେବା ପାଇଁ ଧାର୍ଯ୍ୟ କରାଯାଇଥିଲା, ସେହିପରି ୨୯ ଗୋଟି ଏନ.ଆଇ. ଆକ୍ଟ ମାମଲା, ଫୈଇସଲା କରି ୭୩୫୦୨୯୪ ଟଙ୍କା କ୍ଷତିପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା, ୧୨ ଗୋଟି ବ୍ୟାଙ୍କ ଋଣ ମାମଲା, ଫୈଇସଲା କରି ୩୩୯୦୫୩୪ ଟଙ୍କା ବକେୟା ଆଦାୟ ହୋଇଥିଲା, ୧୮ ଗୋଟି ବୈବାହିକ ମାମଲା ଫୈଇସଲା କରି ୩ ଲକ୍ଷ ଟଙ୍କା ଦେବା ପାଇଁ ଆଦେଶ କରାଗଲା, ୪୫ ଗୋଟି ଅନ୍ୟାନ୍ୟ ଫୌଜଦାରି ମାମଲାର ଫଇସଲା କରାଯାଇ ୭୫,୦୦,୦୦୦ ଟଙ୍କା ଧାର୍ଯ୍ୟ କରାଗଲା, ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ-ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟ ୬୦୬୨ ରାଜସ୍ୱ ବିବାଦର ଫଇସଲା କରାଯାଇ ୬୫୭୬୦୯/- ଟଙ୍କା ଅଦାୟ କରଯାଇଥିଲା। ଅନ୍ୟାନ୍ୟ ଫୌଜଦାରୀ ମାମଲା ୨୯୯ ଫୈଇସଲା କରାଯାଇଥିଲା। ସର୍ବମୋଟ ବିଚାରଧିନ ବିବାଦୀୟ ମାମଲା ୬୫୧୫ ବିଚାର କରାଯାଇ ୫୦୮୧୩୪୩୭ ଟଙ୍କା ଧାର୍ଯ୍ୟ କରାଗଲା। ଏତଦ୍ ବ୍ୟତୀତ ପ୍ରାକ ମୋକଦମା ସ୍ତରରେ ବିଭିନ୍ନ ବ୍ୟାଙ୍କ ଦ୍ୱାରା ବ୍ୟାଙ୍କ ଋଣ ମାମଲା, ଆ..ଟିଓ, ଟାଟା ପାଓ୍ୱାର, ବି.ଏସ.ଏନ.ଏଲ, ପାରିବାରିକ ମାମଲା, ଜମିଜମା ମାମଲା ଇତ୍ୟାଦି ୨୬୩୪ରୁ ୪୧୪ଟି ମାମଲା ଫଇସଲା କରାଯାଇ ୧୪୩୬୮୪୯୦ ଟଙ୍କା ଧାର୍ଯ୍ୟ କରାଗଲା। ଏଥିରେ କୋରାପୁଟ ଜିଲ୍ଲା ବାର ଆସସେସନର ଆଇନଜୀବି ମାନେ ସମ୍ପୂର୍ଣ ସହଯୋଗ କରିଥିଲେ ଏବଂ ମାମଲା ସମାଧାନ କରିବାରେ ଭୂମିକା ଗ୍ରହଣ କରିଥିବା ଆଇନଜୀବି ଶଶାନନ୍ଦ ମିଶ୍ର, ଏସ.ଏମ.ଏମ. ଦିନବନ୍ଧୁ, ଜ୍ୟୋତିରଞ୍ଜନ ପୁରାଜୀ, ଶରତ କୁମାର ମାଝି, ଜେ. ସତ୍ୟନାରାୟଣ ଆଚାରୀ, ସୁଧୀର କୁମାର ପାଢୀ, ଅଶୋକ କୁମାର ମିଶ୍ର, ସତ୍ୟାବ୍ରତ ପାଢୀ, ଗୀତାଞ୍ଜଳୀ ଧଳ, ସସ୍ମିତା ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ।

# ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର କାର୍ଯ୍ୟକ୍ରମ

ନୂଆପଡା,୧୪/୧୨ (ନି.ପ୍ର): ନୂଆପଡା ଜିଲ୍ଲା ସଦର ମହକୁମା ନୀଳାଦ୍ରି ବିହାର ଠାରେ ଭାରତ ସରକାର, ଓଡିଶା ସରକାରଙ୍କ ଡିପାର୍ଟମେଂଟ ଅଫ ଫାଇନାନ୍ସ ସର୍ଭିସ ତରଫରୁ ଆର.ବି.ଆଇ. ଓ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସହଯୋଗରେ‘ ଆପଣଙ୍କ ପୁଞ୍ଜି ଆପଣଙ୍କ ଅଧିକାର’ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି। ଆର୍ଥିକ କ୍ଷେତ୍ରରେ ଦାବୀ କରା ଯାଇ ନଥିବା ସମ୍ପତିର ଦକ୍ଷ ଓ ଶୀଘ୍ର ବିନିଯୋଗକୁ ସହଜ ଓ ସରଳ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ଦାଶ, ଜିଲ୍ଲାପାଳ ନୂଆପଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ଅର୍ଥ ବିଭାଗ , ବିଭିନ୍ନ ବ୍ୟାଙ୍କ ଅଧିକାରୀ, ଗ୍ରାହକ ଓ ହିତାଧିକାରୀ ମାନେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଓ ଆର.ବି.ଆଇ ଗାଇଡ଼ ଲାଇନ ଅନୁସାରେ ଦଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପଡି ରହିଥିବା ବ୍ୟାଙ୍କ ଆକାଉଂଟକୁ ଚାଲୁ ରଖିବା ପାଇଁ ଅକ୍ଟୋବରରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ସଚେତନତା ବାର୍ତା ପ୍ରଦାନ କରାଯାଉଛି। ଏହି ସବୁ ବ୍ୟାଙ୍କ ଖାତା ପୁଣି ଥରେ ଆରମ୍ଭ ହେଲେ ହିତାଧୀକାରୀ ପଡି ରହିଥିବା ଟଙ୍କା ଫେରସ୍ତ ପାଇବେ । ସେହି ଆକାଉଂଟରେ ଜମା ଓ ଟଙ୍କା ଉଠାଣ କରି ପାରିବେ । ଏହାଦ୍ୱାରା ସେମାନେ ଆର୍ଥିକ କ୍ଷେତ୍ରରେ ଉନ୍ନତି ଲାଭ କରି ପାରିବେ । ଏହି କାର୍ଯ୍ୟକ୍ରମ ଜରିଆରେ ନୂଆପଡା ଜିଲ୍ଲାର ୧୬ କୋଟି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ । ଏହା ନ କଲେ ଆର.ବି.ଆଇ.ର ଡେଫ୍ଟ ଆକାଉଂଟରେ ଜମା ହୋଇ ପଡିରହିବ । ତେଣୁ କରି ସମସ୍ତେ ନିଜ ନିଜର ପୁରୁଣା ଆକାଉଂଟକୁ ପୁଣି ଥରେ ଚାଲୁ କରି ନିଜର ଜମା ରାଶି ପ୍ରାପ୍ତ କରିବା ପାଇଁ ଅନୁରୋଧ କରାଯାଇଛି ।

# ଗଜସାଥି ଦକ୍ଷତା ବୃଦ୍ଧି ତାଲିମ ଶିବିର

ଚମ୍ପୁଆ,୧୪/୧୨ (ନି.ପ୍ର): ଚମ୍ପୁଆ ରେଞ୍ଜ ତରଫରୁ ଚମ୍ପୁଆ ନଗର ଭବନ ଠାରେ ବନାଂଚଳ ସ୍ତରୀୟ ବନ ସୁରକ୍ଷା ସମିତି ସମନ୍ୱୟ ବୈଠକ ଓ ଗଜସାଥି ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହେଇଯାଇଛି। ଚମ୍ପୁଆ ରେଞ୍ଜ ଅଧିକାରୀ ଅକ୍ଷୟ କୁମାର ଛତ୍ରିଆଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଇଯାଇଛି। ଓଡିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୂଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ଚମ୍ପୁଆ ତହସିଲଦାର ସଜତ ମାର୍କେ, ଡେପୁଟି କଲେକ୍ଟର ସମରେନ୍ଦ୍ର ଦାସ ପ୍ରମୁଖ ଯୋକ୍ଷଗ ଦେଇଥିଲେ।

# ଧାମରା ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଅଂଟା ଭିଡିଲା ପ୍ରଶାସନ: ୩ମାସ ମହଲତ ପାଇଁ ଅନୁରୋଧକୁ ପ୍ରଶାସନର ଅଗ୍ରାହ୍ୟ

ଭଦ୍ରକ,୧୪/୧୨ (ନି.ପ୍ର): ଧାମରା ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଥିବା ସମସ୍ତ ସରକାରୀ ଜମିରୁ ଜବରଦଖଲ କାରୀଙ୍କ ଉଚ୍ଛେଦ କରିବା ପାଇଁ ଜିଲ୍ଲା ପ୍ରଶାସନ ଅଂଟା ଭିଡିଛି ମାତ୍ର ଏହି ଅଂଟା ଭିଡାରୁ କେବେ ସୁଫଳ ମିଳିବ ତାହା ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। ଏଠାରେ ଉଲ୍ଲେଖଯୋଗ୍ୟ ଧାମରା ରାଜସ୍ୟ ନିରୀକ୍ଷକଙ୍କ ଅଧିନରେ ଥିବା ଝାଡକଟା ମୌଜାରେ ମୋଟ ସ୍ଥିତିବାନ ସମ୍ପତିର ପରିମାଣ ୮୦୪ଏକର। ସ୍ଥିତିବାନ ସମ୍ପତି ବ୍ୟତୀତ ଝାଡକଟା ମୌଜାରେ ୧୫ଏକର ପତିତ ଜମି, ୪୩ଏକର ଗୋଚର, ୨୮ଏକର ଉନ୍ନତ ଯୋଜନା ଯୋଗ୍ୟ୪୬ ଏକର ଗ୍ରାମ୍ୟ ଜଙ୍ଗଲ ଏବଂ ଅନ୍ୟାନ୍ୟ ସରକାରୀ ଜମି ୧୨୬ ଏକର ଏହିପରି ସମୁଦାୟ ସରକାରୀ ଜମିର ପରିମାଣ ୨୫୮ ଏକର ବୋଲି ରାଜସ୍ୱ ବିଭାଗ ନିକଟରୁ ପ୍ରକାଶ। ଏହି ମୌଜାରେ ସ୍ଥାବର ଏବଂ ଅସ୍ଥାବର(ସରକାରୀ) ସମ୍ପତି ମିଶି ସମୁଦାୟ ୧୦୬୨ ଏକର ହୋଇଥିବା ବେଳେ ବର୍ତମାନ ପରିସ୍ଥିତିରେ ଏହି ମୌଜରେ ପତିତ, ଗୋଚର ,ଗ୍ରାମ୍ୟ ଜଙ୍ଗଲ ଜମି ଗୁଡିକ ଆଜି ଭଳି ଦିନରେ ଜବରଦଖଲକାରୀଙ୍କ କବଜାରେ। ଏହି ସମସ୍ତ ଜବରଦଖଲକାରୀଙ୍କ ନିଜର ସ୍ଥିତିବାନ ସମ୍ପତି ଥିବା ସତ୍ୱେ ସେମାନେ ଦୀର୍ଘ ବର୍ଷ ବର୍ଷ ଧରି ୨୫୮ ଏକର ଜମି ନିଜ କବଜାକୁ ନେଇନିଜର ସ୍ଥିତିବାନ ସମ୍ପତ ଭାବେ ବ୍ୟବହାର କରି ଆସୁଥିବା ବେଳେ ଏହି ଜମିରୁ ଏହି ଜବରଦଖଲକାରୀଙ୍କୁ ହଟାଇବା କାଠିକର ପାଠ ହୋଇ ପଡିଛି। ଧାମରା ବନ୍ଦର ନିକଟସ୍ଥ ବାଲିସାହି ମୌଜାରେ ୨୫୬ ଏକର ସ୍ଥିତିବାନ ସମ୍ପତି ଥିବା ବେଳେ ଏହି ମୌଜାରେ ୫ଏକର ପତିତ, ୧୨ଏକର ଗୋଚର, ୧ଏକର ଉନ୍ନତ ଯୋଜନା ଯୋଗ୍ୟ, ୨୧ ଏକର ଗ୍ରାମ୍ୟ ଜଙ୍ଗଲ ଏବଂ ଅନ୍ୟାନ୍ୟ ୩୪ଏକର ଜମି ସରକାରଙ୍କ ଖାତାରେ ଅଛି। ଏହି ମୌଜାରେ ସମୁଦାୟ ଜମି ମଧ୍ୟରୁ ୨୫୬ଏକର ସ୍ଥିତିବାନ ସମ୍ପତି ହୋଇଥିବା ବେଳେ ୪୧ଏକର ସରକାରୀ ସମ୍ପତି। ବିଗତ ଦିନରେ ଦୋସିଙ୍ଗା ମୌଜରେ ସରକାରୀ ସମ୍ପତି ଯଥା ଶ୍ମଶାନ ସ୍ଥାନ ନଥିବାରୁ ସ୍ଥାନୀୟ ଦୋସିଙ୍ଗା ପଂଚାୟତବାସୀ ଧାମରା ବନ୍ଦର ଆଗରେ ଶବ ରଖି ହରତାଳ କରିଥିବା କଥା ବିଭାଗ ଆଖିରୁ ନିଦ ହଜାଇ ଦେଇଥିଲା। ବର୍ତମାନ ପରିସ୍ଥିତିରେ ଧାମରା ରାଜସ୍ୱ ନିରୀକ୍ଷକଙ୍କ ଅଧିନରେ ଥିବା ମୌଜା ମାନଙ୍କ ମଧ୍ୟରୁ ଝାଡକଟା ଏବଂ ବାଲିସାହି ମୌଜରେ ଥିବା ସମସ୍ତ ସରକାରୀ ସମ୍ପତିରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରଚାର ପ୍ରଶାର କରି ୭ଦିନ ମଧ୍ୟରେ ଏହି ସମସ୍ତ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବାକୁ ଚେତାବନୀ ଦେଇଛନ୍ତି।

# ନୂଆପଡାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ନୂଆପଡା,୧୪/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ନୂଆପଡା ଆନୁକୂଲ୍ୟରେ ଏବଂ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧକ୍ଷ ଶ୍ରୀଯୁକ୍ତ ନିରଞ୍ଜନ ପଣ୍ଡାଙ୍କ ଅଧକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ନୂଆପଡ଼ା ସୁନୀଲ କୁମାର ଦାସ, ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍, ଖରିଆର ପ୍ରଣମ କୁମାର ରାଉତ, ବରିଷ୍ଠ ଦେଓ୍ୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେଓ୍ୱାନୀ ଜଜ୍ ଖରିଆର ଇଶା ପତି, ରେଜିଷ୍ଟ୍ରାର୍ ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍.ଡି.ଜେ.ଏମ୍ ସ୍ନାତକୀ ଦାଶ, ଜେ.ଏମ.ଏଫ୍.ସି, କୋମନା ସମୃଦ୍ଧି ସାଗରିକା ବାରିକ, ଜେ.ଏମ.ଏଫ.ସି, ସିନାପାଲି ପ୍ରଜ୍ଞା ପାରମିତା ମହାନ୍ତି, ଜେ.ଏମ.ଏଫ.ସି, ଖରିଆର ସମିକ୍ଷା ସା, ଜେ.ଏମ.ଏଫ.ସି, ବୋଡେନ ପଲ୍ଲବୀ ଦାସ ଏବଂ ବିଭିନ୍ନ ରାଜସ୍ୱ ବିଭାଗ ଅଂଶଗ୍ରହଣ କରି ୩୮୯୪ ଗୋଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ୍‌ବାଉନ୍ସ, ଦେଓ୍ୱାନୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲାଗୁଡିକ ବିଚାର କରାଯାଇ ଥିଲା ଏବଂ ୨,୨୦,୭୪,୪୭୭/- ଟଙ୍କା ଆପୋଷ ସମାଧାନ କରାଯାଇଅଛି। ସେହିପରି ବିଭିନ୍ନ ବ୍ୟାଙ୍କ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୧୮୯ ଗୋଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ୍ ଶୁଳ୍କ ଦେୟ ମାମଲାଗୁଡ଼ିକର ଆପୋଷ ବୁଝାମଣା ରେ ସମାଧାନ ହୋଇ ୫୬,୦୯,୩୫୦/- ଟଙ୍କା ଆଦାୟ ହୋଇଥିଲା।




ପୁଷ୍ଟିକର ପଦାର୍ଥରେ ପରିପୂର୍ଣ୍ଣ ଅଣ୍ଡା ଖାଇବାକୁ କିଏ ନ ଭଲ ପାଏ କହିଲେ । ପ୍ରୋଟିନ, ଭିଟାମିନ୍ ଏବଂ ଖଣିଜ ପଦାର୍ଥ ଯୋଗାଉଥିବା ଅଣ୍ଡାକୁ ଶୀତ ଋତୁରେ ଅଧିକାଂଶ ଲୋକ ଖାଇଥା'ନ୍ତି । ଉଷ୍ମତା ପ୍ରଦାନ କରୁଥିବାରୁ ଶୀତରେ ଅଣ୍ଡାର ବିକ୍ରି ମଧ୍ୟ ଅଧିକ ହୋଇଥାଏ । ତେବେ ଭାରତରେ ଦେଶୀ ଅଣ୍ଡାର ଅଭାବ ଯୋଗୁଁ ଲୋକମାନେ ବଢୁଥିବା ବ୍ରଏଲର କୁକୁଡ଼ାର ଅଣ୍ଡାକୁ ଖାଇଥା'ନ୍ତି । ନିକଟରେ ମୋରାଦାବାଦର ଏକ କାରଖାନାରୁ ନକଲି ଅଣ୍ଡାକୁ କେମିତି ଦେଶୀ ଅଣ୍ଡାର ରୂପ ଦିଆଯାଏ ତାହା ଦେଖାଯାଇଥିଲା । ଖାଦ୍ୟ ସୁରକ୍ଷା ବିଭାଗ ଏହି ଗୋଦାମରୁ ୮୦,୦୦୦ ରୁ ଅଧିକ ଅଣ୍ଡା ଜବତ କରିଛି, ଯେଉଁଥିରେ ୪୫,୩୬୦ ରଙ୍ଗୀନ ଅଣ୍ଡା ଏବଂ ୩୫,୬୪୦ ଧଳା ଅଣ୍ଡା ଥିଲା । ଏହାକୁ କୃତ୍ରିମ ରଙ୍ଗରେ ରଙ୍ଗ କରାଯାଇ ଦେଶୀ ଅଣ୍ଡାର ରୂପ ଦିଆଯାଇଥିଲା । ଯାହାକୁ ଚା' ପତି ଏବଂ ସିନ୍ଦୁର ରାସାୟନିକ ପଦାର୍ଥର ଦ୍ରବଣରେ ରଙ୍ଗ କରାଯାଉଥିଲା । ପରେ ଦେଶୀ ଅଣ୍ଡା ଭଳି ଦେଖାଯାଉଥିବା ଏହି ନକଲି ଅଣ୍ଡାକୁ ବଜାରକୁ ଛଡ଼ା ଯାଉଥିଲା । ଏତେ ନକଲି ଅଣ୍ଡା ଧରାପଡ଼ିବା ପରେ ଲୋକମାନେ ପ୍ରକୃତ ଏବଂ ନକଲି ଅଣ୍ଡା ମଧ୍ୟରେ କିପରି ପାର୍ଥକ୍ୟ କରିବେ ତାହା ଭାବୁଛନ୍ତି । ତେବେ ଆସନ୍ତୁ ଜାଣିବା କେମିତି ଚିହ୍ନିବେ ପ୍ରକୃତ ଅଣ୍ଡା । ପ୍ରକୃତ ଦେଶୀ ଅଣ୍ଡା ହାଲୁକା ବାଦାମୀ କିମ୍ବା ଧଳା ରଙ୍ଗର ହୋଇଥାଏ ଏବଂ ଏହାର ପୃଷ୍ଠ ଚିକ୍କଣିଆ ତଥା ମସୃଣ ହୋଇଥାଏ । ନକଲି ଅଣ୍ଡାର ପୃଷ୍ଠ କେତେକ ସମୟରେ ଅତ୍ୟଧିକ ମସୃଣ କିମ୍ବା ପ୍ଲାଷ୍ଟିକ୍ ପରି ଦେଖାଯାଇପାରେ । ଅସାଧାରଣ କିମ୍ବା ଅତ୍ୟଧିକ ଉଜ୍ଜ୍ୱଳ ରଙ୍ଗ ମଧ୍ୟ ନକଲି ଅଣ୍ଡାର ଏକ ଲକ୍ଷଣ ହୋଇପାରେ । ଓଜନ କଥା ଯଦି କହିବା ଅସଲି ଅଣ୍ଡା ହାତକୁ ଟିକେ ଭାରୀ ଲାଗିଥାଏ ଅନ୍ୟପକ୍ଷରେ ନକଲି ଅଣ୍ଡା ହାତକୁ ହାଲୁକା ଲାଗିଥାଏ । ପାଣି ଭିତରେ ଛାଡ଼ି ଆପଣ ଅଣ୍ଡା ଅସଲି କି ନକଲି ଚିହ୍ନିପାରିବେ । ଯଦି ଅଣ୍ଡା ପ୍ରକୃତରେ ଅସଲି ହୋଇଥିବ ତା'ହେଲେ ଏହା ପାତ୍ରର ତଳ ଭାଗରେ ଜମିଯିବ କିନ୍ତୁ ନକଲି ଅଣ୍ଡା ପାଣିରେ ଭାସିବ । ଅସଲି ଦେଶୀ ଅଣ୍ଡାରୁ କଞ୍ଚା ଏବଂ ରନ୍ଧା ଉଭୟ ପ୍ରକାରର ପ୍ରାକୃତିକ ଗନ୍ଧ ବାହାରିଥାଏ ଅନ୍ୟପକ୍ଷରେ ନକଲି ଅଣ୍ଡା ଶୁଙ୍ଘିଲେ ରାସାୟନିକ ଗନ୍ଧ ବାରି ହୁଏ । ପ୍ରକୃତ ଅଣ୍ଡାର ଧଳା ଅଂଶ ସ୍ୱଚ୍ଛ ଏବଂ ମସୃଣ ହୋଇଥାଏ, ଯେତେବେଳେ ନକଲି ଅଣ୍ଡାର ଧଳା ଅଂଶ ଘନ, ଚିପଚିପା ଏବଂ ନକଲି ଭଳି ଶୀଘ୍ର ଜଣାପଡ଼ିଯାଏ ।




ମଣିଷ ଶରୀର ଏଭଳି ଢାଞ୍ଚାରେ ଗଢ଼ା , ପରିଶ୍ରମ କଲେ ହିଁ ଏହା ଠିକ୍ ରହିବ । ତେଣ ନିତିଦିନିଆ ଜୀବନରେ କିଛି ସମୟର ଏକ୍ସରସାଇଜ୍ କରିବା ନିହାତି ଜରୁରି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି । ହେଲେ କେଉଁ ବୟସରେ କେତେ ଏକ୍ସରସାଇଜ୍ କରିବେ ତାହା ଜାଣିବା ନିହାତି ଜରୁରି । ଏନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲୁଏଚ୍ଓ) ଜାରି କରିଛି ଫିଜିକାଲ ଆକ୍ଟିଭିଟି ଗାଇଡଲାଇନ୍ ।

ପିଲାଙ୍କଠାରୁ ବୟସ୍କ ସମସ୍ତଙ୍କ ପାଇଁ ଯେକୌଣସି ପ୍ରକାରର ବ୍ୟାୟାମ ନିହାତି ଆବଶ୍ୟକ । ହେଲେ ସ୍ୱାସ୍ଥ୍ୟ ବିଜ୍ଞାନ ସମସ୍ତଙ୍କ ପାଇଁ ନିର୍ଦ୍ଦିଷ୍ଟ ବୟସ ସହ ଏକ୍ସରସାଇଜର ଆବଶ୍ୟକ ସମୟ ନିର୍ଦ୍ଧାରଣ କରିଛି, ଯାହା ହୁଏତ ଖୁବ କମ୍ ଜାଣିଥିବେ । କିଛି ଦିନ ଆଗରୁ ବଲିଉଡ୍ ଅଭିନେତା ଗୋବିନ୍ଦା ଅତ୍ୟଧିକ ଏକ୍ସରସାଇଜ୍ କରିବା କାରଣରୁ ଅସୁସ୍ଥ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଡିସଚାର୍ଜ ହେବା ପରେ ସେ କହିଥିଲେ, ଅତ୍ୟଧିକ ଶାରୀରିକ ବ୍ୟାୟାମ ତାଙ୍କୁ କ୍ଲାନ୍ତ କରିଦେଇଥିଲା, ଫଳରେ ସେ ଅଚେତ ହୋଇ ପଡ଼ିଯାଇଥିଲେ । ତେଣୁ କେଉଁ ବୟସରେ କେତେ ବ୍ୟାୟାମ କରିବା କଥା ତାହା ଜାଣିବା ଦରକାର ।

ପିଲା ଏବଂ ବୟସ୍କ : (୫-୧୭) ୫ରୁ ୧୭ ବର୍ଷର ପିଲାଙ୍କଠାରେ ଦିନକୁ ଅତି କମରେ ୬୦ ମିନିଟର ମିଡିୟମ ଫିଜିକାଲ ଆକ୍ଟିଭିଟି କରିବା ଦରକାର। ଏହି ବୟସର ପିଲା ସପ୍ତାହରେ ଅତି କମରେ ୩ ଦିନ ଏରୋବିକ୍ ଆକ୍ଟିଭିଟି ଏବଂ ଏଭଳି ଏକ୍ସରସାଇଜ କରନ୍ତୁ ଯାହା ମାଂସପେଶୀ ଓ ହାଡ଼କୁ ମଜଭୂତ କରିବ । ୧୮ରୁ ୬୪ ବର୍ଷ ଭିତରେ ଥିବା ବୟସ୍କଙ୍କୁ ଅନ୍ତତଃ ୧୫୦ ମିନିଟରୁ ୩୦୦ ମିନିଟ ମିଡିୟମ କିମ୍ବା ୭୫ରୁ ୧୫୦ ମିନିଟର ଏରୋବିକ୍ ଏକ୍ସରସାଇଜ୍ କରନ୍ତୁ । ସପ୍ତାହକୁ ୨ ଥର ୱେଟ୍ ଟ୍ରେନିଙ୍ଗ ନେବା ଉଚିତ।

୬୫ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ୧୫୦ରୁ ୩୦୦ ମିନିଟର ଏକ୍ସରସାଇଜ୍ କରିବା ଦରକାର। ମାଂସପୋଶୀକୁ ଠିକ ରଖିବାକୁ ସପ୍ତାହରରେ ୨/୩ ଦିନ ୱେଟ୍ ଟ୍ରେନିଙ୍ଗ ନେବା ଉଚିତ । ଗର୍ଭବତୀ ମହିଳାଙ୍କୁ ବି କିଛି କିଛି ସମୟର ବ୍ୟାୟାମ କରିବୋ ଦରକାର। ହେଲେ ପାଟର୍ଣ୍ଣ ଅଲଗା । ଏମାନଙ୍କୁ ସପ୍ତାହରେ ୧୫୦ ମିନିଟର ଇଣ୍ଟେସିଟି ଏରୋବେଟିକ୍ ଆକ୍ଟିଭିଟି କରିବା ଦରକାର। ନ୍ୟୁୟର୍କ କୋଲମ୍ବିଆ ବିଶ୍ୱବିଦ୍ୟାଳୟର ଏକ୍ସରସାଇଜ୍ ସାଇଣ୍ଟିଷ୍ଟଙ୍କ କହିବା କଥା, ଯେଉଁମାନେ ଏକ୍ସରସାଇଜ୍ କଥା କହିଲେ ଭୟ ଲାଗେ, ବା ଯେଉଁମାନେ କେବେ ଏକ୍ସରସୋଇଜ୍ କରନ୍ତିନାହିଁ ସେମାନେ ହାଲକା ଷ୍ଟ୍ରେଚିଙ୍ଗ ବା ହାଲକା ୱ‌ର୍କଆଉଟରୁ ଆରମ୍ଭ କରିବା ଉଚିତ । ଦିନରେ ଏଭଳି ସମୟ ଧାର୍ଯ୍ୟ କରନ୍ତୁ ଯେତେବେଳେ ଛୋଟ ଛୋଟ ଆକ୍ଟିଭିଟି କରିପାରିବେ ।

## ଖାଇବା ପରେ ଗୁଜୁରାତି କାହିଁକି ଖାଆନ୍ତି ? ଜାଣନ୍ତୁ କାରଣ

ମନେକର ଆପଣ କୌଣସି ଭୋଜିକୁ ବା କୌଣସି ବନ୍ଧୁଙ୍କ ଘରକୁ ଯାଇଛନ୍ତି । ଖାଇସାରିଲେ ଆପଣଙ୍କ ହାତକୁ ଗୋଟେ ଦିଟା ଗୁଜୁରାତି ବଢ଼େଇଦେବେ । ଏହା ଏବେ କାର ନୁହେଁ ବରଂ ଏକ ପୁରୁଣା ପରମ୍ପରା । କିଛି ଲୋକ ଏହାକୁ ଏକ ସୌଜନ୍ୟ ବା ଅଭ୍ୟାସ ବୋଲି ଭାବିଥାନ୍ତି । କିନ୍ତୁ ଏହି ଛୋଟ ଗୁଜୁରାତି ଆପଣଙ୍କ ସ୍ୱାସ୍ଥ୍ୟ ଭାରି ପାଇଁ ବହୁତ ଉପକାରୀ ।

ଆୟୁର୍ବେଦରେ ଏହାକୁ ମସଲା ମଧ୍ୟରେ ରାଣୀ ବୋଲି କୁହାଯାଏ । ଏହାର ବାସ୍ନା ସାଙ୍ଗକୁ ଔଷଧୀୟ ଗୁଣ ସବୁଠୁ ଖାସ୍ । ହେଲେ ଖାଦ୍ୟ ଖାଇ ସାରିବା ପରେ ଗୁଜୁରାତି ଖାଇବାର ପ୍ରକୃତ କାରଣ ବୋଧହୁଏ କେହି କେହି ଜାଣିଥିବେ ।

ଗୁଜୁରାତିରେ ଆଣ୍ଟି



ଅକ୍ସିଡାଣ୍ଟର ମାତ୍ରା ଭରପୂର ଥାଏ । ଯାହା ଆମ ଶରୀରରେ ଥିବା ଟକ୍ସିନ୍ସକୁ କମ୍ କରିବାରେ ଉପଯୋଗୀ ହୁଏ । ଏହା କିଡନି ଓ ଲିଭରର କାର୍ଯ୍ୟକ୍ଷମତା ବଢ଼ାଇଥାଏ । ଏହାକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ କାମ କରେ । ଯଦିଓ ଏହା ଶରୀରକୁ ସମ୍ପୂର୍ଣ୍ଣ ଭାବେ ଡିଟକ୍ସ କରିନପାରେ କିନ୍ତୁ ଏହାର ନିୟମିତ ବ୍ୟବହାର ଶରୀରରେ ମେଟାବୋଲିଜିମ୍ ସନ୍ତୁଳିତ ହୋଇଥାଏ । ଏବଂ ଶରୀର ହାଲୁକା ଲାଗେ । ବେଳେ ବେଳେ ଖାଦ୍ୟ ଖାଇ ସାରିବା ପରେ ଦେହ ଗରୁ ଲାଗେ ମାନେ ଭାରି ଲାଗେ । ଏଥିପାଇଁ ଗୁଜୁରାତି କୌଣସି ପଥିଠାରୁ କମ୍ ନୁହେଁ । ଏଥିରେ ଥିବା ସିନିୟୋଲ ଓ ଅନ୍ୟ ଜରୁରୀ ଉପାଦାନ ହଜମ ପ୍ରକିୟାକୁ ତ୍ୱରାନ୍ୱିତ କରିଥାଏ । ଫଳରେ ଖାଦ୍ୟ ଶୀଘ୍ର ଓ ସହଜରେ ହଜମ ହୋଇଥାଏ । ଗୁଜୁରାତି ପେଟର ମାଂସପେଶୀକୁ ଆରାମ ଦେଇଥାଏ । ତେଣୁ ଖାଇବା ପରେ ଗୋଟେ ଦିଟା ଗୁଜୁରାତି ଚୋବାଇବା ବେଶ୍ ଉପକାରୀ।

ଅନୁଭବ କରିଥିବେ, ଗୁଜୁରାତି ଚୋବାଇବା ପରେ ସତେଜ ଲାଗେ । ଏଥିରେ ଥିବା ସୁଗନ୍ଧ ପ୍ରକୃତିକ ତୈଳ ଉପାଦାନ ପାଟିରୁ ଦୁର୍ଗନ୍ଧକୁ ଦୂର କରିବା ସହ ପାଟିକୁ ବ୍ୟାକ୍ଟେରିଆମୁକ୍ତ କରିଥାଏ । ରସୁଣ, ପିଆଜ ଖାଇବା ପରେ ପାଟିରୁ ବାହାରୁଥିବା ଗନ୍ଧକୁ ଦୂର କରେ । ଏହାକୁ ପ୍ରତିଦିନ ଚୋବାଇଲେ ଶ୍ୱାସନଳୀ ସଂକ୍ରମଣ ଆଶଙ୍କା ଦୂର ହୁଏ ।

ତେଣୁ ମିଠା, ହେଉ କି ପିଠାପଣା ସବୁଥିରେ ଗୁଜୁରାତି ଗୁଣ୍ଡ ପଡ଼ିବା ଥୟ । କାରଣ ଏହା ଖାଦ୍ୟର ବାସ୍ନା ଆଣିବା ସହ ଖାଦ୍ୟକୁ ସୁସ୍ୱାଦୁ ବନାଏ ଏବଂ ସେ ଖାଦ୍ୟର ପାଚନ ଶକ୍ତିକୁ ବଢ଼ାଏ । ଯଦି ଏହାକୁ ଚୋବାଇବା ଏକ ଅଭ୍ୟାସରେ ପରିଣତ ହୁଏ ତାହେଲେ ଆପଣଙ୍କ ପାଇଁ ଫାଇଦା ହିଁ ଫାଇଦା ।




ଶୀତରେ ଅନେକ ଗାଧୋଇବା ନାଁ ଧରନ୍ତିନି । ଆଉ ଯଦି ଗାଧୋଇଲେ ଗରମ ପାଣି ଦରକାର । ଖରାରେ ଦେହରେ ଥଣ୍ଡା ପାଣିଟିକେ ପଡ଼ିଗଲେ ଯେମିତି ଶାନ୍ତି ଶୀତରେ ଗରମ ପାଣି ସେମିତି ଭାରି ଆରାମ୍ । ତା ସହ ୱାର୍କ୍ ଆଉଟ୍ କରି ଫେରିବା ପରେ ଗରମ ପାଣିରେ ଗାଧୋଇ ପଡ଼ିଲେ ଦେହର ସବୁ ଥକ୍କାପଣ ଚାଲିଗଲା ପରି ଲାଗେ । ସମସ୍ତେ କୁହନ୍ତି ଶୀତରେ ଗରମ ପାଣି ଉପକାରୀ । ହେଲେ ଗରମ ପାଣିରେ ଗାଧୋଇବାବେଳେ ସାବଧାନ ନହେଲେ ଭାରି ଖରାପ । ଗରମ ପାଣିରେ ଗାଧୋଇବା ୫ ବଡ଼ ସମସ୍ୟା ସୃଷ୍ଟି କରିପାରେ । ଏକ୍ସପର୍ଟସଙ୍କ କହିବା ଅନୁସାରେ, ବହୁତ ଗରମ ପାଣିରେ ଗାଧୋଇଲେ ତ୍ୱଚାର ନମନୀୟତା ନଷ୍ଟ ହୁଏ । ଫଳରେ ତ୍ୱଚା ଡ୍ରାଏ ହେବା ସହ ଫାଟିବା , କୁଣ୍ଡାଇ ହେବା ସମସ୍ୟା ଦେଖାଯାଏ । ଅତ୍ୟଧିକ ଗରମ ପାଣି ଚର୍ମର କାରେଟିନ୍ ସେଲ୍ସକୁ ନଷ୍ଟ କରିଦିଏ ଫଳରେ ତ୍ୱଚା କୁଣ୍ଡାଇହୁଏ । ଗରମ ପାଣିରେ ଗାଧୋଇଲେ କେବଳ ତ୍ୱଚା ଯେ ଶୁଷ୍କ ହୋଇଯାଏ ତା ନୁହେଁ ବରଂ ଚର୍ମରେ ନାଲି ରଙ୍ଗର ପ୍ୟାଚ୍ ହୋଇ ଏକଜିମା ଭଳି ସମସ୍ୟା ହୁଏ । ବେଳେ ବେଳେ ଚର୍ମ ପୋଡ଼ାଜଳା ପରି ଅନୁଭବ ହୁଏ । ଏହାସହ ଚର୍ମରେ କୁଞ୍ଚନ ବା ରିଙ୍କଲ୍ସ ଦେଖାଯାଏ । ଖାଲି ଗାଧୋଇବାରେ ନୁହେଁ କେଶ ସଫା କରିବାକୁ ଗରମ ପାଣି ବ୍ୟବହାର କରୁଥିଲେ କେଶ ରୁକ୍ଷ ହୋଇଯାଏ । ଏହାସହ ସ୍କାଲ୍ପର ତୈଳାକ୍ତ ଅଂଶ ନଷ୍ଟହୋଇଯିବାରୁ ରୂପି ସମସ୍ୟା ବି ଆରମ୍ଭ ହୋଇଯାଏ । ମୁଣ୍ଡ କୁଣ୍ଡାଇହୁଏ । ଏହାସହ ରକ୍ତଚାପ ବଢ଼ିଯାଏ । ଫଳରେ ମୁଣ୍ଡ ଧୋଇବା ସମୟରେ ମୁଣ୍ଡ ବୁଲାଇବା ସହ ଅଚେତ ହୋଇଯିବା ଭଳି ସମସ୍ୟା ଦେଖାଯାଏ । ଗାଧୋଇବା ସମୟରେ ସାବଧାନତା ଆପଣାଇଲେ ବଡ଼ ସମସ୍ୟା ବର୍ତ୍ତିଯିବେ । ଗାଧୋଇବା ପାଇଁ ଗରମ ନୁହେଁ ନଖ ଉଷୁମ ପାଣି ବ୍ୟବହାର କରନ୍ତୁ । ପାଣିର ତାପାମାତ୍ରା ଯେପରି ୩୮ରୁ ୪୦ ଡିଗ୍ରି ହୋଇଥିବ । ଗାଧୋଇବା ସମୟ ୫ରୁ ୧୦ ମିନିଟ ଭିତରେ ରଖନ୍ତୁ । ଗାଧୋଇବା ପରେ ମଶ୍ଚରାଇଜର ବ୍ୟବହାର କରନ୍ତୁ । ମୁଣ୍ଡ ଧୋଇବାକୁ ଅଲଗା ଥଣ୍ଡା ପାଣି ବ୍ୟବହାର କରନ୍ତୁ। ସପ୍ତାହକୁ ୨ଥର ତେଲ ମାଲିସ୍ କରନ୍ତୁ ।




ଅଁଳା ଏକ ସୁପରଫୁଡ୍ ଯାହା ଏହାର ଔଷଧୀୟ ଗୁଣ ପାଇଁ ଜଣାଶୁଣା । ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଏବଂ ଅନ୍ୟାନ୍ୟ ପୁଷ୍ଟିକର ତତ୍ତ୍ୱ ଭରପୂର ମାତ୍ରାରେ ଥାଏ, ଯାହା ଏହାକୁ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ କରିଥାଏ । ତେବେ, କିଛି ଲୋକ ଅଛନ୍ତି ଯେଉଁମାନେ ଅଁଳା ସେବନ କରିବାରେ ଅତ୍ୟନ୍ତ ସାବଧାନ ରହିବା ଉଚିତ୍ କିମ୍ବା ଆଦୌ ସେବନ କରିବା ଉଚିତ୍ ନୁହେଁ, କାରଣ ଏହା ସେମାନଙ୍କ ପାଇଁ ରୋଗର କାରଣ ହୋଇପାରେ ।

*ଏସିଡିଟି ଏବଂ ହାଇପରଏସିଡିଟି ରୋଗୀ:* ଅଁଳା ପ୍ରକୃତିରେ ଅମ୍ଳୀୟ (ବମସୟସମ) ଅଟେ । ଯଦି ଆପଣ ପୂର୍ବରୁ ଏସିଡିଟି, ଗ୍ୟାଷ୍ଟ୍ରିକ୍ କିମ୍ବା ହାଇପରଏସିଡିଟି ସମସ୍ୟାରେ ପୀଡିତ ଅଛନ୍ତି, ତେବେ ଅଁଳାର ଅଧିକ ସେବନ ଆପଣଙ୍କ ସମସ୍ୟାକୁ ବଢ଼ାଇପାରେ । ଏହା ପେଟରେ ଜ୍ୱଳନ, ଖଟା ହାକୁଟି ଏବଂ ଛାତିରେ ଜ୍ୱଳନ ସୃଷ୍ଟି କରିପାରେ । ଯଦି ଆପଣ ଏହାକୁ ଖାଇବାକୁ ଚାହୁଁଛନ୍ତି, ତେବେ ବହୁତ କମ୍ ପରିମାଣରେ ଏବଂ ଖାଦ୍ୟ ସହିତ ଖାଆନ୍ତୁ ।

*ନିମ୍ନ ରକ୍ତ ଶର୍କରା ଥିବା ଲୋକ:* ଅଁଳାରେ ଆଣ୍ଟି-ଡାଇବେଟିକ୍ ଗୁଣ ରହିଛି, ଯାହା ରକ୍ତ ଶର୍କରା ସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏହା ମଧୁମେହ ରୋଗୀଙ୍କ ପାଇଁ ଭଲ, କିନ୍ତୁ ଯଦି ଆପଣ ପୂର୍ବରୁ ନିମ୍ନ ରକ୍ତ ଶର୍କରା ସମସ୍ୟାରେ ପୀଡିତ ଅଛନ୍ତି କିମ୍ବା ମଧୁମେହ ଔଷଧ ସେବନ କରୁଛନ୍ତି, ତେବେ ଅଁଳା ସେବନ ଆପଣଙ୍କ ରକ୍ତ ଶର୍କରାକୁ ଅତ୍ୟଧିକ କମାଇପାରେ, ଯାହା ଫଳରେ ମୁଣ୍ଡ ବୁଲାଇବା, ଦୁର୍ବଳତା ଏବଂ ବେହୋସ ହେବା ଭଳି ସମସ୍ୟା ହୋଇପାରେ ।

*ରକ୍ତସ୍ରାବ ସମ୍ବନ୍ଧୀୟ ରୋଗ ଥିବା ଲୋକ:* ଅଁଳାରେ ଆଣ୍ଟି-ପ୍ଲେଟଲେଟ୍ ଗୁଣ ରହିଛି, ଯାହାର ଅର୍ଥ ହେଉଛି ଏହା ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ଧୀର କରିପାରେ । ଯଦି ଆପଣ କୌଣସି ରକ୍ତସ୍ରାବ ସମ୍ବନ୍ଧୀୟ ରୋଗରେ ପୀଡିତ ଅଛନ୍ତି, ଯେପରିକି ହିମୋଫିଲିଆ, କିମ୍ବା ଯଦି ଆପଣ ରକ୍ତ ପତଳା କରୁଥିବା ଔଷଧ (ଯେପରିକି ୱାରଫାରିନ୍, ଆସ୍ପିରିନ୍) ସେବନ କରୁଛନ୍ତି, ତେବେ ଅଁଳା ସେବନ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । କୌଣସି ଅସ୍ତ୍ରୋପଚାର ପୂର୍ବରୁ ମଧ୍ୟ ଅଁଳା ସେବନ ବନ୍ଦ କରିଦେବା ଉଚିତ୍ ।

*କିଡନୀ ଷ୍ଟୋନ୍ ଥିବା ଲୋକ:* ଅଁଳାରେ ଅକ୍ସାଲେଟ୍ ଥାଏ, ଯାହା କିଛି ଲୋକଙ୍କ କ୍ଷେତ୍ରରେ କିଡନୀ ଷ୍ଟୋନ୍ ଗଠନରେ ସହାୟକ ହୋଇପାରେ, ବିଶେଷକରି ଯଦି ସେମାନେ ଅକ୍ସାଲେଟ୍-ସେନ୍ସିଟିଭ୍ ଅଟନ୍ତି । ଯଦି ଆପଣଙ୍କୁ ପୂର୍ବରୁ କିଡନୀ ଷ୍ଟୋନ୍ ହୋଇଛି କିମ୍ବା ଆପଣ ଏହା ପ୍ରତି ସମ୍ବେଦନଶୀଳ ଅଛନ୍ତି, ତେବେ ଅଁଳାର ଅଧିକ ସେବନ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ । ପର୍ଯ୍ୟାପ୍ତ ପାଣି ପିଇବା ଏହି ବିପଦକୁ କମ୍ କରିବାରେ ସାହାଯ୍ୟ କରିପାରେ ।

*ଗର୍ଭବତୀ ଏବଂ ସ୍ତନ୍ୟପାନ କରାଉଥିବା ମହିଳା:* ଗର୍ଭାବସ୍ଥା ଏବଂ ସ୍ତନ୍ୟପାନ ସମୟରେ ମହିଳାମାନେ ନିଜ ଖାଦ୍ୟ ବିଷୟରେ ଅଧିକ ସାବଧାନ ରହିବା ଉଚିତ୍ । ଯଦିଓ ଅଁଳା ସାଧାରଣତଃ ନିରାପଦ ବୋଲି ବିବେଚନା କରାଯାଏ, କିନ୍ତୁ ଏହାର ପ୍ରଭାବ ଉପରେ ସୀମିତ ଅଧ୍ୟୟନ ଉପଲବ୍ଧ । ତେଣୁ, ଏହି ସମୟରେ ଅଁଳା ସେବନ କରିବା ପୂର୍ବରୁ ଜଣେ ଡାକ୍ତର କିମ୍ବା ପୁଷ୍ଟି ବିଶେଷଜ୍ଞଙ୍କ ସହିତ ପରାମର୍ଶ କରିବା ଭଲ ।

ଥଣ୍ଡା ଏବଂ କାଶ ଥିବା ଲୋକ: ଅଁଳା ପ୍ରକୃତିରେ ଶୀତଳ ଅଟେ । ଯଦି ଆପଣ ପୂର୍ବରୁ ଥଣ୍ଡା, କାଶ, ଫ୍ଲୁ କିମ୍ବା ଅନ୍ୟ କୌଣସି ଶ୍ୱାସକ୍ରିୟା ସମସ୍ୟାରେ ପୀଡିତ ଅଛନ୍ତି, ତେବେ ଅଁଳା ସେବନ ଆପଣଙ୍କ ସମସ୍ୟାକୁ ବଢ଼ାଇପାରେ କିମ୍ବା ଉପଶମ ହେବାରେ ବିଳମ୍ବ କରିପାରେ । ବିଶେଷକରି ରାତିରେ ଅଁଳା ସେବନରୁ ବିରତ ରହିବା ଉଚିତ୍ ।

*ଶୁଷ୍କ ଚର୍ମ ଥିବା ଲୋକ:* ଅଁଳାରେ ଡାଇୟୁରେଟିକ୍ (ୟସଙ୍କକ୍ସରଷ୍ପସମ) ଗୁଣ ଥାଏ, ଯାହା ଶରୀରରୁ ଅତ୍ୟଧିକ ଜଳ ବାହାର କରିବାରେ ସାହାଯ୍ୟ କରିଥାଏ । ଯଦି ଆପଣଙ୍କର ଚର୍ମ ଏବଂ କେଶ ଶୁଷ୍କ ଅଛି, ତେବେ ଅଁଳାର ଅଧିକ ସେବନ ଆପଣଙ୍କ ଶରୀରରେ ଜଳୀୟ ଅଂଶକୁ ଆହୁରି କମ୍ କରିପାରେ, ଯାହାଫଳରେ ଶୁଷ୍କତା ବଢ଼ିପାରେ । ଏହି କ୍ଷେତ୍ରରେ, ଅଁଳା ସେବନ ସହିତ ପର୍ଯ୍ୟାପ୍ତ ପାଣି ପିଇବା ଜରୁରୀ ।

*ନିକଟରେ ଅସ୍ତ୍ରୋପଚାର ହୋଇଥିବା ଲୋକ:* ଯେଉଁମାନଙ୍କର ନିକଟରେ କୌଣସି ଅସ୍ତ୍ରୋପଚାର ହୋଇଛି, ସେମାନେ ଅଁଳା ସେବନରୁ ବିରତ ରହିବା ଉଚିତ୍ ।କାରଣ ଅଁଳା ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ଧୀର କରିପାରେ, ଯାହା ଅସ୍ତ୍ରୋପଚାର ପରେ ରକ୍ତସ୍ରାବର ଆଶଙ୍କା ବଢ଼ାଇପାରେ । ଡାକ୍ତରଙ୍କ ପରାମର୍ଶ ନ ନେବା ପର୍ଯ୍ୟନ୍ତ ଏହାର ସେବନରୁ ଦୂରେଇ ରୁହନ୍ତୁ ।

# ବିଷାକ୍ତ ବାୟୁ ଓ ସରକାରଙ୍କ ଅସ୍ୱୀକାର ନୀତି

ଭାରତ ବର୍ଷରେ ବାୟୁ ପ୍ରଦୂଷଣ ବର୍ତ୍ତମାନ ଏକ ଜାତୀୟ ସଙ୍କଟର ରୂପ ନେଇଛି । ବିଶେଷକରି ଶୀତଦିନେ ଦେଶର ରାଜଧାନୀ ଦିଲ୍ଲୀ ଏବଂ ଉତ୍ତର ଭାରତର ଅନେକ ସହର ଗ୍ୟାସ ଚ୍ୟାମ୍ବରରେ ପରିଣତ ହୋଇଯାଏ । ଚାରିଆଡେ ଧୂଆଁର ଆସ୍ତରଣ, ନିଶ୍ୱାସ ନେବାରେ କଷ୍ଟ ଏବଂ ହସ୍ପିଟାଲଗୁଡ଼ିକରେ ଶ୍ୱାସରୋଗୀଙ୍କ ଭିଡ଼ ଏକ ସାଧାରଣ ଦୃଶ୍ୟ ହୋଇଗଲାଣି । କିନ୍ତୁ ବିଡମ୍ବନାର ବିଷୟ ହେଉଛି, ଯେତେବେଳେ ଦେଶର ଜନସାଧାରଣ ବିଷାକ୍ତ ପବନରେ ଶ୍ୱାସରୁଦ୍ଧ ହେଉଛନ୍ତି, ସେତେବେଳେ ସରକାର ଏହି ସମସ୍ୟାର ଗମ୍ଭୀରତାକୁ ସ୍ୱୀକାର କରିବା ବଦଳରେ ବୈଜ୍ଞାନିକ ତଥ୍ୟ ଏବଂ ଆନ୍ତର୍ଜାତୀୟ ରିପୋର୍ଟଗୁଡ଼ିକୁ କ୍ରମାଗତ ଭାବରେ ଖଣ୍ଡନ କରିବାରେ ବ୍ୟସ୍ତ ଅଛନ୍ତି । ଭାରତ ସରକାରଙ୍କ ଏହି ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ତଥ୍ୟ ଏବଂ ବିଜ୍ଞାନକୁ ଅସ୍ୱୀକାର କରିବା ଅତ୍ୟନ୍ତ ଚିନ୍ତାଜନକ । ଏହି ସମ୍ପାଦକୀୟରେ ଆମେ ସରକାରଙ୍କ ଏହି ମନୋଭାବ, ବୈଜ୍ଞାନିକ ସତ୍ୟ ଏବଂ ଏହାର ଭୟାବହ ପରିଣାମ ବିଷୟରେ ଆଲୋଚନା କରିବା ।

ଗତ କିଛି ବର୍ଷ ଧରି ଏକ ନିର୍ଦ୍ଦିଷ୍ଟ ଧାରା ଦେଖିବାକୁ ମିଳୁଛି । ଯେତେବେଳେ ବି କୌଣସି ପ୍ରତିଷ୍ଠିତ ଆନ୍ତର୍ଜାତୀୟ ସଂସ୍ଥା ଭାରତର ବାୟୁ ପ୍ରଦୂଷଣ ସ୍ଥିତି ନେଇ ଚିନ୍ତାଜନକ ରିପୋର୍ଟ ପ୍ରକାଶ କରନ୍ତି, ସରକାର ତୁରନ୍ତ ତାହାକୁ ଖାରଜ କରିଦିଅନ୍ତି । ଉଦାହରଣ ସ୍ୱରୂପ, ନିକଟରେ ସଂସଦରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ବୟାନଗୁଡ଼ିକୁ ଦେଖାଯାଉ । ସରକାର କ୍ରମାଗତ ଭାବରେ ଦାବି କରୁଛନ୍ତି ଯେ ବାୟୁ ପ୍ରଦୂଷଣ ଏବଂ ମୃତ୍ୟୁ ମଧ୍ୟରେ କୌଣସି 'ସିଧାସଳଖ ସମ୍ପର୍କ' (Direct Correlation) ନାହିଁ । ସରକାରଙ୍କ କହିବା କଥା ହେଲା, ଭାରତରେ ଏପରି କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ ଯାହା ପ୍ରମାଣିତ କରିବ ଯେ କେବଳ ବାୟୁ ପ୍ରଦୂଷଣ ଯୋଗୁଁ ଲୋକଙ୍କର ମୃତ୍ୟୁ ଘଟୁଛି । ଯେତେବେଳେ ୟେଲ୍ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ 'ଏନଭାଇରନମେଣ୍ଟାଲ ପରଫର୍ମାନ୍ସ ଇଣ୍ଡେକ୍ସ' (EPI) ରେ ଭାରତକୁ ୧୮୦ଟି ଦେଶ ମଧ୍ୟରୁ ସବୁଠାରୁ ନିମ୍ନ ସ୍ଥାନରେ ରଖାଗଲା, ସେତେବେଳେ ସରକାର ଏହାକୁ 'ଅବୈଜ୍ଞାନିକ ପଦ୍ଧତି' କହି ଖାରଜ କରିଦେଲେ । ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ଯେତେବେଳେ ବାୟୁ ଗୁଣବତ୍ତା ମାନଦଣ୍ଡକୁ କଡ଼ାକଡ଼ି କଲା ଏବଂ କହିଲା ଯେ ଭାରତର ପ୍ରଦୂଷଣ ସ୍ତର ବିପଜ୍ଜନକ, ସେତେବେଳେ ମଧ୍ୟ ସରକାର ଯୁକ୍ତି ବାଢ଼ିଲେ ଯେ ଭାରତର ଭୌଗୋଳିକ ସ୍ଥିତି ଅଲଗା ଏବଂ ପାଶ୍ଚାତ୍ୟ ମାନଦଣ୍ଡ ଏଠାରେ ଲାଗୁ ହୋଇପାରିବ ନାହିଁ । IQAir ର ରିପୋର୍ଟ ହେଉ ବା 'ଷ୍ଟେଟ୍ ଅଫ୍ ଗ୍ଲୋବାଲ ଏୟାର' ରିପୋର୍ଟ, ସବୁଥର ସରକାରଙ୍କ ପ୍ରତିକ୍ରିୟା ସମାନ ରହିଛି - 'ଏହି ରିପୋର୍ଟଗୁଡ଼ିକ ଭାରତକୁ ବଦନାମ କରିବା ପାଇଁ ଉଦ୍ଦିଷ୍ଟ' କିମ୍ବା 'ଏଥିରେ ବ୍ୟବହୃତ ତଥ୍ୟ ସଂଗ୍ରହ ପଦ୍ଧତି ତ୍ରୁଟିପୂର୍ଣ୍ଣ' ।

ସରକାରଙ୍କ ଏହି 'ଅସ୍ୱୀକାର ନୀତି' ବିଜ୍ଞାନର କଠୋର ବାସ୍ତବତା ଆଗରେ ତିଷ୍ଠି ପାରିବ ନାହିଁ । ବିଶ୍ୱର ଅଗ୍ରଣୀ ଚିକିତ୍ସା ବିଜ୍ଞାନ ପତ୍ରିକା 'ଦି ଲାନସେଟ୍' (The Lancet)ର ଏକ ରିପୋର୍ଟ ଅନୁଯାୟୀ, ୨୦୧୯ ମସିହାରେ ଭାରତରେ ବାୟୁ ପ୍ରଦୂଷଣ ଜନିତ କାରଣରୁ ପ୍ରାୟ ୧୬.୭ ଲକ୍ଷ ଲୋକଙ୍କର ଅକାଳ ମୃତ୍ୟୁ ଘଟିଥିଲା । ଏହା ସମୁଦାୟ ମୃତ୍ୟୁର ପ୍ରାୟ ୧୭.୮% ଥିଲା ।୨୦୨୨ ମସିହାର ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇଛି । 'ଗ୍ଲୋବାଲ ବର୍ଡେନ୍ ଅଫ୍ ଡିଜିଜ୍' (Global Burden of Disease) ଅଧ୍ୟୟନ ଦର୍ଶାଇଛି ଯେ ୨୦୨୩ ମସିହାରେ ଦିଲ୍ଲୀରେ ହୋଇଥିବା ମୃତ୍ୟୁର ସବୁଠାରୁ ବଡ଼ କାରଣ ଥିଲା ବିଷାକ୍ତ ବାୟୁ । ବୈଜ୍ଞାନିକମାନେ ବାରମ୍ବାର ଚେତାବନୀ ଦେଇଛନ୍ତି ଯେ ଚଗ୨.୫ (୨.୫ ମାଇକ୍ରୋନରୁ କମ୍ ବ୍ୟାସ ବିଶିଷ୍ଟ କ୍ଷୁଦ୍ର କଣିକା) ମଣିଷ ଶରୀର ପାଇଁ ଅତ୍ୟନ୍ତ ଘାତକ । ଏହି କଣିକାଗୁଡ଼ିକ ଏତେ ଛୋଟ ଯେ ଏହା ଆମ ନାକର ବାଳ ଦ୍ୱାରା ଅଟକି ପାରେ ନାହିଁ ଏବଂ ସିଧାସଳଖ ଫୁସଫୁସର ଗଭୀର ଅଂଶକୁ ଚାଲିଯାଏ । ସେଠାରୁ ଏହା ରକ୍ତ ସ୍ରୋତରେ ମିଶି ହୃଦଘାତ (Heart Attack), ଷ୍ଟ୍ରୋକ୍ (Stroke), ଫୁସଫୁସ କର୍କଟ ଏବଂ ଶ୍ୱାସକ୍ରିୟା ଜନିତ ରୋଗ ସୃଷ୍ଟି କରେ । ଶିଶୁମାନଙ୍କର ମସ୍ତିଷ୍କ ବିକାଶରେ ବାଧା ଏବଂ ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ଗର୍ଭପାତ ଭଳି ସମସ୍ୟା ମଧ୍ୟ ବାୟୁ ପ୍ରଦୂଷଣ ସହ ଜଡ଼ିତ ବୋଲି ବହୁ ଗବେଷଣାରୁ ପ୍ରମାଣିତ ହୋଇଛି । କିନ୍ତୁ ସରକାର ଏହି ବୈଜ୍ଞାନିକ ପ୍ରମାଣକୁ ଗ୍ରହଣ କରିବା ବଦଳରେ ଯୁକ୍ତି କରନ୍ତି ଯେ ମୃତ୍ୟୁ ପ୍ରମାଣପତ୍ରରେ 'ବାୟୁ ପ୍ରଦୂଷଣ' ମୃତ୍ୟୁର କାରଣ ଭାବେ ଲେଖାଯାଏ ନାହିଁ । ଏହା ଏକ ହାସ୍ୟାସ୍ପଦ ଯୁକ୍ତି । କାରଣ ବାୟୁ ପ୍ରଦୂଷଣ ଏକ 'ଧୀମା ବିଷ' (Slow Poison) ଭଳି କାମ କରେ । ଏହା ତୁରନ୍ତ ମଣିଷକୁ ମାରିଦିଏ ନାହିଁ, ବରଂ ଶରୀରର ବିଭିନ୍ନ ଅଙ୍ଗକୁ ଦୁର୍ବଳ କରିଦିଏ ଯାହା ଫଳରେ ମଣିଷ ଅନ୍ୟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରେ । ତେଣୁ ପ୍ରତ୍ୟକ୍ଷ ଭାବେ ମୃତ୍ୟୁର କାରଣ ଖୋଜିବା ବଦଳରେ ଏହାର ପରୋକ୍ଷ ଏବଂ ଦୀର୍ଘମିଆଦି ପ୍ରଭାବକୁ ବୁଝିବା ଜରୁରୀ ।

ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଭାରତର ନିଜସ୍ୱ ବାୟୁ ଗୁଣବତ୍ତା ମାନଦଣ୍ଡ (NAAQS) ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (WHO) ର ମାନଦଣ୍ଡ ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ । WHO ଅନୁସାରେ, ବାର୍ଷିକ ହାରାହାରି ଚଗ୨.୫ ର ସ୍ତର ୫ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟରରୁ ଅଧିକ ହେବା ଉଚିତ ନୁହେଁ । କିନ୍ତୁ ଭାରତ ସରକାର ଏହି ସୀମାକୁ ୪୦ ମାଇକ୍ରୋଗ୍ରାମ୍ ପ୍ରତି ଘନ ମିଟର ରଖିଛନ୍ତି । ଅର୍ଥାତ୍, ଆମର 'ସୁରକ୍ଷିତ' ମାନଦଣ୍ଡ ବିଶ୍ୱ ସ୍ତରୀୟ ମାନଦଣ୍ଡ ଠାରୁ ୮ ଗୁଣ ଅଧିକ ଶିଥିଳ । ଏହାର ଅର୍ଥ ହେଲା, ଯେଉଁ ପବନକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ବିପଜ୍ଜନକ' ବୋଲି ଘୋଷଣା କରେ, ଆମ ସରକାର ତାହାକୁ 'ସନ୍ତୋଷଜନକ' ବୋଲି କହିପାରନ୍ତି । ମାନଦଣ୍ଡକୁ କୋହଳ କରିଦେଲେ ପ୍ରଦୂଷଣ କମିଯାଏ ନାହିଁ, କେବଳ କାଗଜପତ୍ରରେ ସ୍ଥିତି ଭଲ ଦେଖାଯାଏ । ଏହା ନିଜକୁ ନିଜେ ଠକିବା ସହ ସମାନ ।

ସରକାରଙ୍କ ଏହି ଅସ୍ୱୀକାର ମନୋଭାବର ସବୁଠାରୁ ବଡ଼ କୁପ୍ରଭାବ ନୀତି ନିର୍ଦ୍ଧାରଣ ଉପରେ ପଡୁଛି । ଯଦି ଆପଣ ସମସ୍ୟାକୁ ସ୍ୱୀକାର କରିବେ ନାହିଁ, ତେବେ ଏହାର ସମାଧାନ କିପରି କରିବେ ? ୨୦୧୯ ରେ ଆରମ୍ଭ ହୋଇଥିବା 'ନ୍ୟାସନାଲ କ୍ଲିନ୍ ଏୟାର ପ୍ରୋଗ୍ରାମ' (NCAP)ର ଲକ୍ଷ୍ୟ ଥିଲା ୨୦୨୪ ସୁଦ୍ଧା ପ୍ରଦୂଷଣକୁ ୨୦-୩୦% କମାଇବା । କିନ୍ତୁ ବାସ୍ତବରେ ଅଧିକାଂଶ ସହରରେ ପ୍ରଦୂଷଣ ସ୍ତର ବଢ଼ିଛି କିମ୍ବା ସମାନ ରହିଛି । ଏହାର ମୁଖ୍ୟ କାରଣ ହେଲା ସମସ୍ୟାର ମୂଳୋତ୍ପାଟନ ପାଇଁ ଯେଉଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦରକାର, ତାହାର ଅଭାବ ରହିଛି । ସରକାର ପ୍ରଦୂଷଣ ନିୟନ୍ତ୍ରଣ ପାଇଁ 'ସ୍ମଗ୍ ଟାୱାର' ବସାଇବା କିମ୍ବା ପାଣି ସିଞ୍ଚନ କରିବା ଭଳି ଲୋକଦେଖାଣିଆ ପଦକ୍ଷେପ ନେଉଛନ୍ତି, କିନ୍ତୁ ଶିଳ୍ପାଞ୍ଚଳରୁ ନିର୍ଗତ ଧୂଆଁ, ଯାନବାହନର ପ୍ରଦୂଷଣ ଏବଂ କୋଇଲା ଚାଳିତ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ପଛାଉଛନ୍ତି । ଏହି ଅବହେଳାର ମୂଲ୍ୟ ଦେଶର ସାଧାରଣ ଜନତା, ବିଶେଷକରି ଗରିବ ଶ୍ରେଣୀର ଲୋକମାନେ ଦେଉଛନ୍ତି। ଧନୀ ଲୋକମାନେ ଘରେ ଏୟାର ପ୍ୟୁରିଫାୟର୍ ଲଗାଇ ପାରିବେ, ବନ୍ଦ ଗାଡ଼ିରେ ଯାତାୟାତ କରିପାରିବେ । କିନ୍ତୁ ରିକ୍ସା ଚାଳକ, ଟ୍ରାଫିକ୍ ପୋଲିସ୍, ରାସ୍ତାକଡ଼ର ଦୋକାନୀ ଏବଂ ଶ୍ରମିକମାନେ ବାଧ୍ୟ ହୋଇ ସେହି ବିଷାକ୍ତ ପବନକୁ ନିଶ୍ୱାସରେ ନେଉଛନ୍ତି । ସେମାନଙ୍କର ଆୟୁଷ କମିଯାଉଛି, ଚିକିତ୍ସା ଖର୍ଚ୍ଚ ବଢୁଛି ଏବଂ କାର୍ଯ୍ୟକ୍ଷମତା ହ୍ରାସ ପାଉଛି ।

ବାୟୁ ପ୍ରଦୂଷଣ କୌଣସି ରାଜନୈତିକ ପ୍ରସଙ୍ଗ ନୁହେଁ, ଏହା ଏକ ଜନସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି । ସରକାର ଆନ୍ତର୍ଜାତୀୟ ରିପୋର୍ଟକୁ 'ଷଡଯନ୍ତ୍ର' ବୋଲି କହି ନିଜ ଦାୟିତ୍ୱରୁ ଖସି ଯାଇପାରିବେ ନାହିଁ । ତଥ୍ୟକୁ ଲୁଚାଇବା ବା ବିକୃତ କରିବା ଦ୍ୱାରା ଆମେ ବିଶ୍ୱ ସମୁଦାୟ ଆଗରେ ନିଜର ଭାବମୂର୍ତ୍ତି ବଞ୍ଚାଇ ପାରିବା ହୁଏତ, କିନ୍ତୁ ନିଜ ନାଗରିକଙ୍କ ଜୀବନ ବଞ୍ଚାଇ ପାରିବା ନାହିଁ । ବର୍ତ୍ତମାନ ସମୟର ଆହ୍ୱାନ ହେଉଛି, ସରକାର ସତ୍ୟକୁ ସାମ୍ନା କରନ୍ତୁ । ବିଜ୍ଞାନକୁ ଶତ୍ରୁ ନ ଭାବି ମିତ୍ର ଭାବରେ ଗ୍ରହଣ କରନ୍ତୁ । ତଥ୍ୟ ସଂଗ୍ରହ ପ୍ରଣାଳୀକୁ ଅଧିକ ସ୍ୱଚ୍ଛ ଏବଂ ବ୍ୟାପକ କରନ୍ତୁ । କେବଳ ଦିଲ୍ଲୀ ନୁହେଁ, ସମଗ୍ର ଦେଶ ପାଇଁ ଏକ କଠୋର ଏବଂ ବାସ୍ତବବାଦୀ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତୁ । ଶୁଦ୍ଧ ବାୟୁ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର, ଏବଂ ଏହାକୁ ସୁନିଶ୍ଚିତ କରିବା ଏକ ଗଣତାନ୍ତ୍ରିକ ସରକାରର ପ୍ରାଥମିକ କର୍ତ୍ତବ୍ୟ ।

# କିଶୋରୀ ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଓ ପ୍ରତିକାର

**ଡାକ୍ତର ସଂଯୁକ୍ତା ମହାପାତ୍ର**

ସ୍ୱାସ୍ଥ୍ୟ ହିଁ ସମ୍ପଦ। ଏ ବିଷୟରେ ସଚେତନ ରହିବା ସମସ୍ତଙ୍କର ଆବଶ୍ୟକ। ଶିଶୁଟିଏ ବାରବର୍ଷ ବୟସ ପରେ କୈଶୋରରେ ପଦାର୍ପଣ କରିଥାଏ। ବାରବର୍ଷରୁ ୧୮ ବୟସକୁ କୈଶୋର କୁହାଯାଏ। ଏହି ସମୟରେ କିଶୋର ଓ କିଶୋରୀ ଉଭୟ ମାନସିକ ଓ ଶାରୀରିକ ପରିବର୍ତ୍ତନର ଶିକାର ହୋଇଥାନ୍ତି। ବିଶେଷ କରି କିଶୋରୀ ମାନଙ୍କ ଠାରେ ଏହା ଅଧିକ ଜଣା ପଡ଼ିଥାଏ। ସେ ସମୟରେ ଶିଶୁଟିଏ କୈଶୋରର ପରବର୍ତ୍ତୀ ଅବସ୍ଥାକୁ ଯାଇଥାଏ। ତାର ଶରୀରରେ ମେଲାଟୋନିନ, ଅକ୍ସିଟୋସିନ, ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ ଭଳି ବିଭିନ୍ନ ହରମନର କ୍ଷରଣ ଅଧିକ ହେଉଥିବାରୁ ତାର ଋତୁସ୍ରାବ ଆରମ୍ଭ ହେବା ସହିତ ଶରୀରରେ ଅନେକ ପରିବର୍ତ୍ତନ ଦେଖାଯାଇଥାଏ। କିଶୋର ଓ କିଶୋରୀ ଏହି ବୟସରେ ସ୍ୱପ୍ନପୁରୀରେ ଉଡିଲା ଭଳି ଅନୁଭବ କରନ୍ତି। ଶରୀରର ବୃଦ୍ଧି ହେତୁ ଖାଦ୍ୟ ସ୍ପୃହା ବହୁତ ବଢ଼ିଯାଏ। ତେଣୁ ସେମାନେ ଏ ବିଷୟରେ ସଚେତନ ନ ରହିଲେ ଦୁର୍ବଳ ବା ମେଦବହୁଳତାର ଶିକାର ହୋଇଥାନ୍ତି।

ଋତୁସ୍ରାବ : ଶିଶୁ କନ୍ୟାଟି ୧୦ ବର୍ଷର ହୋଇଗଲେ ତାର ମସ୍ତିଷ୍କରେ ଥିବା ପିଟିଉଟାରି ଗ୍ରନ୍ଥି, ଥାଇରଏଡ଼ ଓ ଡିମ୍ବାଶୟ ଆଦି ହରମନ ପ୍ରସ୍ତୁତ କରୁଥିବା ଅନ୍ତଃସ୍ରାବି ଗ୍ରନ୍ଥିମାନେ ଅଧିକ ହରମନ କ୍ଷରଣ କରିବା ଆରମ୍ଭ କରନ୍ତି ଓ କନ୍ୟାଟିର ଶରୀରିକ ପରିବର୍ତ୍ତନ ହେବା ସହ ତାର ଜରାୟୁରୁ ରକ୍ତକ୍ଷରଣ ଆରମ୍ଭ ହୁଏ, ଏହାକୁ ଋତୁସ୍ରାବ କୁହାଯାଏ। ଏହା ପ୍ରାୟ ୧୧ ବର୍ଷରୁ ୧୬ ବର୍ଷ ମଧ୍ୟରେ ଆରମ୍ଭ ହୋଇଥାଏ। ପ୍ରତିମାସ ଡିମ୍ବାଶୟରୁ ନିର୍ଗତ ହେଉଥିବା ଇଷ୍ଟ୍ରୋଜେନ ଓ ପ୍ରୋଜେଷ୍ଟେରନର କମ ବେଶୀରେ ମାସିକ ଋତୁସ୍ରାବ ହୋଇଥାଏ। ଏହା ଏକ ସ୍ୱାଭାବିକ ପ୍ରକ୍ରିୟା। ଋତୁସ୍ରାବ ଆରମ୍ଭ ହେଲେ ୪-୫ ଦିନ ରକ୍ତସ୍ରାବ ଲାଗି ରହେ। କିନ୍ତୁ କିଶୋରୀଟିଏ ଏ ବିଷୟରେ ସଂପୂର୍ଣ୍ଣ ଅନଭିଜ୍ଞ ଥିବାରୁ ଆତଙ୍କିତ ହେବା ସହିତ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଏ।

କୈଶୋରରେ, ଋତୁସ୍ରାବରେ ଅନୟମିତତା, ଅଧିକ ରକ୍ତସ୍ରାବ ଓ ପେଟଯନ୍ତ୍ରଣା ଅଧିକ ଦେଖାଦେଇଥାଏ। ଏବେ କିଶୋରୀମାନଙ୍କ ଠାରେ ଅତ୍ୟଧିକ ମେଦବହୁଳତା ହେତୁ ମାସିକ ଋତୁସ୍ରାବରେ ଅନିୟମିତତା ଅଧିକ ଦେଖାଯାଉଅଛି। ଅତ୍ୟଧିକ ବା ଅଧିକ ଦିନ ପର୍ଯ୍ୟନ୍ତ ମାସିକ ରକ୍ତସ୍ରାବ ହେତୁ ସେମାନଙ୍କ ଠାରେ ରକ୍ତ ହୀନତା ଦେଖାଯାଏ। ଯାହା ଆମ ଦେଶର ମହିଳା ମାନଙ୍କର ଏକ ବଡ଼ ସମସ୍ୟା। ଶୁଣିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ପ୍ରାୟ ୫୦ ଭାଗରୁ ଅଧିକ କିଶୋରୀ ଓ ମହିଳା ଆମ ଦେଶରେ ରକ୍ତହୀନତା, ପୁଷ୍ଟି ହୀନତା ଓ ମେଦବହୁଳତା ପ୍ରଭୃତି ସମସ୍ୟା ତାର ପରବର୍ତ୍ତୀ ଜୀବନକୁ ବହୁତ ପ୍ରଭାବିତ କରିଥାଏ। ଶାରୀରିକ ଓ ମାନସିକ ପରିବର୍ତ୍ତନ ହେତୁ ତାର ଜୀବନ ଶୈଳୀ ଓ ପାଠପଢ଼ା ମଧ୍ୟ ପ୍ରଭାବିତ ହୋଇଥାଏ। ପରିବାରରେ ତାର ଜନନୀ, ଭଗିନୀ ଓ ସାଙ୍ଗସାଥୀ ଏ ସମ୍ବନ୍ଧରେ ତାଙ୍କୁ ସଚେତନ କରାଇବା ଆବଶ୍ୟକ। ତା'ଛଡ଼ା ବିଦ୍ୟାଳୟର ପାଠ୍ୟପୁସ୍ତକରୁ ଏ ସମ୍ବନ୍ଧୀୟ ଶିକ୍ଷା ଓ ସଚେତନତା ମିଳିବା ଉଚିତ। ମାସିକ ଋତୁସ୍ରାବ ଜନିତ ଯନ୍ତ୍ରଣା ତାଙ୍କୁ ଅବସାଦଗ୍ରସ୍ତ କରିଥାଏ। ଏହି ସମୟରେ ପରିଛନ୍ନତା ଅବଲମ୍ବନ ନକଲେ ପ୍ରଜନନ ଅଙ୍ଗସବୁ ଜୀବାଣୁ ସଂକ୍ରମଣ ହୋଇ ଶ୍ୱେତସ୍ରାବ ଓ କଣ୍ଡୁୟନ ଆଦି ଦେଖାଯାଏ। ପୁଷ୍ଟିସାର ଥିବା ଲୌହ ଓ ଜବସାର ଯୁକ୍ତ ଖାଦ୍ୟ ଖାଇଲେ ସେମାନେ ସୁସ୍ଥ ରହିପାରିବେ। ବିଭିନ୍ନ ପନିପରିବାର ଓ ଫଳ ଉଚିତ ପରିମାଣରେ ଖାଇବା ଜରୁରୀ। ନଚେତ ଶରୀରରେ ଜୀବସାର ଅଭାବରୁ ଅନେକ ରୋଗ ଦେଖାଯାଇଥାଏ।

ସହରାଞ୍ଚଳରେ ୧୦ରୁ ୧୫ ଭାଗ ଲୋକ ମେଦବହୁଳତାର ଶିକାର ଥିବାର ଜଣାପଡ଼ିଛି। ଖାଦ୍ୟ ରୁଚିରେ ବହୁତ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ। ବଜାରର ଚଟପଟା ଜଙ୍କଖାଦ୍ୟ ରାସ୍ତା କଡ଼ରେ ମିଳୁଥିବା ଚାଟ ଗୁପୁଚୁପ ଭଳି ଅଖାଦ୍ୟ ଖାଇବାକୁ ପସନ୍ଦ କରିଥାନ୍ତି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଘରେ ନଖାଇ ବଜାରର ଚାଓମିନ ଓ ମାଗି ଖାଇବା ଦେଖାଯାଉଛି। ଏହି ଖାଦ୍ୟ ମାନଙ୍କର ପୋଷଣ ଶକ୍ତି ନଗଣ୍ୟ। କିନ୍ତୁ ଶରୀରରେ ଏସବୁ ମେଦ ବଢ଼ାଇଥାଏ। ଯାହାଫଳରେ ଶରୀରରେ ଓଜନ ବହୁତ ବଢ଼ିଯାଏ। ଜଣେ ନିଜର ବଡ଼ିମାସ ଇଣ୍ଡେକ୍ସରୁ ତାର ଓଜନକୁ ନିଜ ଉଚ୍ଚତାର ମିଟର ସ୍କୋୟାରରେ ହରିଲେ ଜଣାପଡ଼େ। ଏହା କୈଶୋରରୁ ମେଦବହୁଳତା, ଉଚ୍ଚ ରକ୍ତଚାପ, ମଧୁମେହ ରୋଗ କରାଇଥାଏ। ଆଜିକାଲି ଅଧିକାଂଶ ବ୍ୟକ୍ତି ଘରେ ରହି ଅଫିସ କାମ କରୁଛନ୍ତି ଯାହାକି ମେଦବହୁଳତାର କାରଣ ହେଉଅଛି। କିଶୋର-କିଶୋରୀମାନେ ଘର ପ୍ରସ୍ତୁତ ଖାଦ୍ୟ ଖାଇବା ସହିତ ଦୈନିକ ବାହାରେ ଖେଳିବା, ପହଁରିବା, ଦୌଡିଡିଆଁ ଓ ସାଇକେଲ ଚଳାଇବା ପ୍ରଭୃତିକଲେ ଓଜନ ଠିକ ରହିବ। ଚାଲିବା ଦୌଡ଼ିବା ଆଦି ଶାରୀରିକ ପରିଶ୍ରମ ସହିତ ସୂର୍ଯ୍ୟ ନମସ୍କାର, ଯୋଗ ପ୍ରାଣାୟମ ଆଦି କେତେକ କ୍ରିୟା ଅଭ୍ୟାସ କଲେ ସେମାନଙ୍କର ଶାରୀରିକ ଓ ମାନସିକ ଅଭିବୃଦ୍ଧି ଭଲ ଭାବରେ ହେବା ସହିତ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ନୃତ୍ୟ, ସଙ୍ଗୀତ ଖେଳ ପ୍ରଭୃତି ମନୁଷ୍ୟକୁ ଆମୋଦ ଦେବା ସହିତ ଶୃଙ୍ଖଳିତ ଓ ମେଳାପି କରିଥାଏ।

ଯେଉଁମାନେ କିଶୋର ଅବସ୍ଥାରୁ ଖେଳକୁଦ ପ୍ରଭୃତି କରିଥାନ୍ତି ସେମାନଙ୍କର ପ୍ରଜନନ ଅଙ୍ଗ ଗୁଡ଼ିକର ଅଭିବୃଦ୍ଧି ଠିକ ଭାବରେ ହୋଇଥାଏ ଓ ଭବିଷ୍ୟତରେ ବିଭିନ୍ନ ରୋଗ ସହିତ ସଂଗ୍ରାମ କରିବାର ଶକ୍ତି ବଢ଼ିଥାଏ। କୈଶୋରରେ ପୃଥୁଳତାର ଶିକାର ଥିବା ମହିଳାମାନଙ୍କର ମଧୁମେହ, ଉଚ୍ଚରକ୍ତ ଚାପ ଓ ଜରାୟୁ କର୍କଟ ରୋଗର ସମ୍ଭାବନା ଥାଏ। ତାଛଡ଼ା ପିତ୍ତକୋଷରେ ପଥର ଓ ଅଗ୍ନି ମାନ୍ଦ୍ୟ ଭଳି ରୋଗ ସେମାନେ ଭୋଗ କରିଥାନ୍ତି।

ପରିଚ୍ଛନ୍ନତା : ସ୍ୱଚ୍ଛତା ବା ପରିଚ୍ଛନ୍ନତାର ଅଭ୍ୟାସ ପ୍ରତ୍ୟେକ ବାଲ୍ୟକାଳରେ ବଜାୟ ରଖିବା ଦରକାର। ବିଶେଷକରି କିଶୋର କିଶୋରୀମାନେ ଏଥିରେ ଅଧିକ ଧ୍ୟାନ ଦେବା ଉଚିତ। ନିଜର ପୋଷାକ ସଫା ରଖିବା, ଶୌଚାଳୟ ସଫା ରଖିବା, ନଖ କାଟିବା, ମୁଣ୍ଡ କୁଣ୍ଡାଇବା ଓ ହାତମୁହଁ ପରିଷ୍କାର କରି ଧୋଇବା, ନିଜର ପଢ଼ାଘର ସଫା ରଖିବା, ବାଲ୍ୟକାଳରୁ ଶିକ୍ଷା କରିବା ଉଚିତ। ଏହା ଦ୍ୱାରା ମନୁଷ୍ୟ ପେଟରୋଗ, ଯକୃତ ରୋଗ ଓ ଅନେକ ଜୀବାଣୁ ସଂକ୍ରମଣରୁ ରକ୍ଷା ପାଇଥାଏ। କିଶୋରୀମାନେ ଋତୁସ୍ରାବ ସମୟରେ ନିଜକୁ ସଫା ରଖିବା ସହିତ ସଫା ପ୍ୟାଡ଼ ବ୍ୟବହାର କରିବା ଉଚିତ। ଜନସାଧାରଣ ବ୍ୟବହାର କରୁଥିବା ଶୌଚାଳୟରେ ପାଣି ଢ଼ାଳି ପରିଷ୍କାର କରିବା ପରେ ନିଜେ ବ୍ୟବହାର କରିବା ଉଚିତ।

ଉପସଂହାର : ସୁଷମ ଖାଦ୍ୟ ସହ ସ୍ୱଚ୍ଛତା, ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟ ସଚେତନତା ସମସ୍ତ କିଶୋର-କିଶୋରୀ ମାନଙ୍କୁ ଏକ ସୁସ୍ଥ ସମାଜ ଗଠନ କରିବାର ଦୃଢ଼ତା ଆଣି ଦେଇପାରେ। ପ୍ରତ୍ୟେକ କନ୍ୟା ଏକ ସାହାସୀ ବ୍ୟକ୍ତି ଭାବରେ ବଞ୍ଚିବାକୁ ହେଲେ ଉତ୍ତମ ସ୍ୱାସ୍ଥ୍ୟ ସହିତ ମାନସିକ ସଂଯମ ରକ୍ଷା କରିବା ବାଲ୍ୟ କାଳୁ ଅଭ୍ୟାସ କରିବାକୁ ହେବ। ଏହା ହୋଇପାରିଲେ ଏକ ସୁସ୍ଥ ସମାଜ ଗଠନ ସହ ସେମାନେ ଭବିଷ୍ୟତରେ ସୁସ୍ଥ ସନ୍ତାନ ଜନ୍ମ ଦେଇପାରିବେ।

+ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ, ଭୁବନେଶ୍ୱର

# ସଫଳା ଏକାଦଶୀ



ଅଲେଖ ଚନ୍ଦ୍ର



ପୌଷମାସ କୃଷ୍ଣ ପକ୍ଷ ଏକାଦଶୀକୁ ସଫଳା ଏକାଦଶୀ ବୋଲି କୁହାଯାଏ । ଏହି ଏକାଦଶୀ କରିବା ଦ୍ୱାରା ଶ୍ରୀକୃଷ୍ଣ ପ୍ରସନ୍ନ ହୋଇଥାନ୍ତି । ସଫଳା ଏକାଦଶୀରେ ଭଗବାନ ଶ୍ରୀହରିଙ୍କ ବିଭିନ୍ନ ନାମ ମନ୍ତ୍ର ଉଚ୍ଚାରଣ ଭଗବାନ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଏ । ସଫଳା ଏକାଦଶୀ ନିଷ୍ଠାର ସହ ପାଳନ କଲେ ହଜାର ବର୍ଷର ତପସ୍ୟାର ଫଳ ମିଳିଥାଏ ବୋଲି ଅନେକ କୁହନ୍ତି ।

ଏକଦା ଚମ୍ପାବତୀ ନଗରର ରାଜା ମହିଷ୍ମତଙ୍କ ପାଞ୍ଚୋଟି ପୁତ୍ର ଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ଲୁମ୍ପକ ସର୍ବଦା ସୁକର୍ମରେ ବ୍ୟସ୍ତ ରହୁଥିବା ଦେଖି ରାଜା ତାଙ୍କୁ ନଗରରୁ ବାହାର କରିଦେଲେ । ସେ ବଣଜଙ୍ଗଲରେ ବୁଲିବା ସହ ଚୋରି କରିବାକୁ ଲାଗିଲା । ଥରେ ଚୋରି କରୁଥିବା ସମୟରେ ନଗର ସିପାହୀଙ୍କ ହାତରେ ଧରାପଡ଼ିଗଲା । ଯେତେବେଳେ ସିପାହୀମାନେ ଜାଣିଲେ ଯେ ରାଜା ମହିଷ୍ମତଙ୍କ ଜ୍ୟେଷ୍ଠ ପୁତ୍ର ଲୁମ୍ପକ ସେହି ସମୟରେ ତାଙ୍କୁ ଛାଡ଼ିଦେଲେ । ଲୁମ୍ପକ ବଣକୁ ଫେରି ଗୋଟିଏ ପିପ୍ପଳ ବୃକ୍ଷତଳେ ଆଶ୍ରୟ ନେବା ସହ ଫଳମୂଳ ଖାଇ ବଞ୍ଚିବାକୁ ଲାଗିଲା । ଏକଦା ଅଜାଣତରେ ସେ ପୌଷମାସ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ କଲା । ଦଶମୀରେ ବୃକ୍ଷର ଫଳ ଖାଇବା ସହ ବସ୍ତ୍ରହୀନ ହୋଇ ହୋଇ ରାତିଯାକ ଶୀତର ଜାଡ଼ରେ କଷ୍ଟ ଭୋଗିବାକୁ ଲାଗିଲା । ସୂର୍ଯ୍ୟୋଦୟ ହେଲା ଏକାଦଶୀ ଆରମ୍ଭ ହୋଇଗଲା କିନ୍ତୁ ସେ ପର୍ଯ୍ୟନ୍ତ ସେ ସେହିପରି ଅବସ୍ଥାରେ ଅଚେତ ଅବସ୍ଥାରେ ପଡ଼ିରହିଥାଏ । ହଠାତ୍ ଦ୍ୱିପହର ସମୟରେ ତାର ଚେତା ଫେରିବା ପରେ ସେ ବନକୁ ଗଲା ଓ ବହୁ ଫଳ ସଂଗ୍ରହ କରି ବିଶ୍ରାମ ସ୍ଥଳରେ ପହଞ୍ଚିଲା ସେହି ସମୟରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା । ସେହି ସମୟରେ ପିପ୍ପଳ ବୃକ୍ଷ ନିକଟକୁ ଯାଇ କହିଲା ଏହି ଫଳରେ ଲକ୍ଷ୍ମୀପତି ଭଗବାନ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତୁ । ଏପରି କହି ଲୁମ୍ପକ ରାତିଯାକ ନ ଶୋଇ ରହିଲା ।

ଏହି ପ୍ରକାରେ ଅନାୟାସରେ ସେ ସଫଳା ଏକାଦଶୀ ବ୍ରତ ପାଳନ କଲା । ସେହି ସମୟରେ ରାଜକୁମାର ଲୁମ୍ପକ ! ସଫଳା ଏକାଦଶୀ ବ୍ରତର ପ୍ରଭାବରେ ତୁମେ ରାଜ୍ୟ ଏବଂ ପୁତ୍ର ପ୍ରାପ୍ତ କର ବୋଲି ଦିବ୍ୟବାଣୀ ଶୁଣିଲା । ଏହି ଦିବ୍ୟବାଣୀରେ ସେ ଧନ୍ୟ ହୋଇଗଲା । ସେବେଠାରୁ ସେ ଭଗବାନ ବିଷ୍ଣୁଙ୍କ ଭଜନ ଗାଇବାକୁ ଲାଗିଲଶ । ସେ ପନ୍ଦର ବର୍ଷ ପର୍ଯ୍ୟନ୍ତ ସଫଳତାପୂର୍ବକ ରାଜ୍ୟଶାସନ କରିବା ସହ ମନୋଜ ନାମକ ପୁତ୍ର ପ୍ରାପ୍ତ କଲା । ମନୋଜ ଯେବେ ଯୁବ ହୋଇଗଲା ସେ ରାଜ୍ୟକୁ ମନୋଜକୁ ସମର୍ପଣ କରି ଭଗବାନ ବିଷ୍ଣୁଙ୍କ ଭକ୍ତିରେ ସାମିଲ ହୋଇଗଲା । ଏହି ଏକାଦଶୀ ବ୍ରତ ପ୍ରଭାବରେ ସେ ବିଷ୍ଣୁଲୋକ ପ୍ରାପ୍ତ ହେଲା । ସଫଳା ଏକାଦଶୀର ବ୍ରତ ଅତି ମଙ୍ଗଳକାରୀ ଏବଂ ପୁଣ୍ୟଦାୟୀ ହୋଇଥାଏ । ଏହି ଏକାଦଶୀ କରିବା ଦ୍ୱାରା ଭକ୍ତକୁ ପୁଣ୍ୟ ମିଳିଥାଏ । ସଫଳା ଏକାଦଶୀ ଆଧ୍ୟାତ୍ମିକ ଚେତନାରେ ଏକ ସ୍ମରଣୀୟ ତିଥି। ଶାସ୍ତ୍ରରେ ଉଲ୍ଲେଖଥିବା ଏଗାରଟି ଏକାଦଶୀ ମଧ୍ୟରେ ସଫଳା ଏକାଦଶୀରେ ବିଷ୍ଣୁଙ୍କ ଉପାସନା ଦ୍ୱାରା ଅଶେଷ ପୂଣ୍ୟଫଳ ମିଳିଥାଏ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତି ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ।

+ପୂର୍ବତନ ଡିଏଫ୍‌ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ମୋ : ୯୪୩୭୨୫୭୧୨

# ଦୁର୍ନୀତିରେ ଲୁପ୍ତ ଥିବା ଲୋକଙ୍କ ପାଇଁ କଠୋର ଦଣ୍ଡର ବ୍ୟବସ୍ଥା ହେବା ଦରକାର



ସୁବ୍ରତ କର

ଦୁର୍ନୀତିକୁ କମାଇବାକୁ ହେଲେ ଖାଲି କଠୋର ଦଣ୍ଡ ସହିତ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ମଧ୍ୟ ଆହୁରି ସର୍ତକତା ସହିତ କାର୍ଯ୍ୟ କରିବା ଦରକାର । ମୋର ମନେ ହୁଏ ରାଜ୍ୟରେ ସରକାରୀ କାର୍ଯ୍ୟରତ ଅଫିସରଙ୍କ ସଂଖ୍ୟା ପ୍ରାୟ ୫ ଲକ୍ଷ, ତନ୍ମଧ୍ୟରୁ ଦେଢ଼ ବର୍ଷ ମଧ୍ୟରେ ମୋଟେ ୫୫୪ ଜଣଙ୍କଠୁ ଦୁର୍ନୀତି ନିବାରଣ ବିଭାଗ ଧରିଛନ୍ତି । ପୁଣି ଏମାନଙ୍କ ମଧ୍ୟରୁ ୩୨୪ ଜଣଙ୍କ ନାମରେ ମାମଲା ରୁଜୁ କରାହୋଇଛି । ଏଥିରୁ ୯୪ ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୬୩ ଜଣ ଦ୍ୱିତୀୟ ଶ୍ରେଣୀ କର୍ମଚାରୀ ଏବଂ ୩୯୭ ଜଣ ଅନ୍ୟାନ୍ୟ ସରକାରୀ କର୍ମଚାରୀ । ଏମାନଙ୍କ ପାଖରୁ ୨୦୮ କୋଟି ୨୩ ଲକ୍ଷ ଟଙ୍କା ଆୟବହିର୍ଭୁତ ସମ୍ପତ୍ତି ଠୁଳ କରିଥିଲେ । ଏହି ସମ୍ପତ୍ତି ମଧ୍ୟରେ ୮୩୨ଟି ପ୍ଲଟ, ୮ଟି ଫାର୍ମ ହାଉସ, ୮୪ ଏକର ଜମି ୨୪ କିଲୋ ସୁନା ଅଳଙ୍କାର ମିଳିଛି । ୫୫୪ ଜଣଙ୍କ ମଧ୍ୟରୁ ୩୨୨ ଜଣ ବ୍ୟକ୍ତିଙ୍କ ବିଭିନ୍ନ ମକର୍ଦ୍ଦମାରେ ଗିରଫ କରାହୋଇଛି । ଏମାନଙ୍କ ମଧ୍ୟରୁ ଧର୍ମଗଡ଼ ଉପ ଜିଲ୍ଲାପାଳ ଆଇ.ଏ.ଏସି ଅଧିକାରୀ ଏବଂ ଜଣେ ବରିଷ୍ଠ ଅ.ଏ.ଏସ ଅଧିକାରୀ ଲାଞ୍ଚ ନେବା ବେଳେ ଧରା ପଡ଼ିଥିଲେ । ନୂଆ ସରକାର ମଧ୍ୟ ବିଶେଷ କିଛି ପଇସା ଖିଆ ଲୋକଙ୍କର କରି ପାରୁ ନାହାନ୍ତି । କିନ୍ତୁ ନୂଆ ସରକାର ଗୋଟାଏ କାମ କରିଛନ୍ତି ଯେ ଦୁର୍ନୀତି ନିବାରଣ ବିଭାଗକୁ ସକ୍ରିୟ କରିବା ପାଇଁ ଏବଂ ଦକ୍ଷତା ବୃଦ୍ଧି କରିବା ପାଇଁ ୮ଟି ଅତିରିକ୍ତ ଏସ.ପି, ୨୪ ଡି.ଏସ.ପି ଏବଂ ୧୬ଟି ସବ୍‌ଇନ୍ସପେକ୍ଟର ପଦ ସୃଷ୍ଟି କରିଛନ୍ତି । ଏହାଛଡ଼ା ସବୁଠୁ ବଡ଼ କଥା ହେଲା ସବୁ ପରୀକ୍ଷାର ପ୍ରଶ୍ନପତ୍ର ବଜାରରେ ବିକ୍ରି ହେବା । ୧୮ମାସ ମଧ୍ୟରେ ୧୮ଥର ପରୀକ୍ଷାରେ ପ୍ରଶ୍ନପତ୍ରର ପ୍ରଘଟ ହେବାର ଦୃଷ୍ଟାନ୍ତ ରହିଛି । ଅନେକ ସମୟରେ ଅନେକ କ୍ଷେତ୍ରରେ (ଏସ.ଆଇ) ସିବିଆଇକୁ ମଧ୍ୟ ହସ୍ତାନ୍ତର କରାହୋଇଛି ।

ଏଇଠି ପ୍ରଶ୍ନ ଉଠୁଛି ଆମ ସରକାରଙ୍କ ପାଖରେ ପ୍ରାୟ ୫ ଲକ୍ଷ କର୍ମଚାରୀ କାର୍ଯ୍ୟରତ ଏବଂ ସେଥିରୁ ଦେମ ବର୍ଷରେ ୫୫୪ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଏମିତି ଦେଖିଲେ ଏହା କିଛି ନୁହଁ କାରଣ ମୋଟେ ଶତକଡ଼ା ଏକ ଭାଗ କର୍ମଚାରୀ ଭ୍ରଷ୍ଟାଚାର ସହିତ ଜଡ଼ିତ ଏବଂ ଅନ୍ୟ ଶତକଡ଼ା ୯୯ଭାଗ କର୍ମଚାରୀ ସଚ୍ଚୋଟ ଭାବରେ କାର୍ଯ୍ୟରତ । ଏହି ଶତକଡ଼ା ଭାଗକୁ ସାଧାରଣ ଜନତା କେବେହେଲେ ଗ୍ରହଣ କରିବେ ନାହିଁ । କିନ୍ତୁ ସାଧାରଣ ଜନତାଙ୍କ କହିବା କଥା ହେଲା ସରକାରଙ୍କ ପାଖରେ ଯେଉଁ କାମ ପାଇଁ ଯାଆନ୍ତୁ ଯେଉଁ ଅଧିକାରୀ ପାଖରେ ପହଞ୍ଚନ୍ତୁ ବିନା ଟଙ୍କାରେ ଆପଣଙ୍କ ହକ୍ କାମକୁ ମଧ୍ୟ ହାସଲ କରିବା ସମ୍ଭବ ନୁହଁ । ଯେଉଁମାନେ ଧରା ପଡୁଛନ୍ତି ସେମାନେ ଅତିରିକ୍ତ ଲୋଭି ଏବଂ ଆତ୍ମ ସମ୍ମାନ ନଥିବା ଅଧିକାରୀ ମାନେ । ମୋର ଜାଣିବାର ଏ ପର୍ଯ୍ୟନ୍ତ ବହୁ ଅଧିକାରୀ ତାଙ୍କର ବାର୍ଷିକ ଆୟର ରିପୋର୍ଟ ଦାଖଲ କରିବାରେ ଅସମର୍ଥ ।

## କବିତା କୋଣାର୍କ

### କହିଲେଣି କବି

**ଦୀନବନ୍ଧୁ ପୋଇ**

କହିଲେଣି କବି କେହି କେହି ଏଠି
ଶୀତକୁ ମାଉସୀ ବୋଲି
କେହି ବି କହନ୍ତି ଶୀତରାଣୀ ପୁଣି
କବି ନ ପାରଇ ଭୁଲି ।
କେମିତି ଏ ଶୀତ ମାଉସୀ ଓ ରାଣୀ
ହେଉଛି ସେ କଥା ଘାରି
କେହି କବି ତୋର ପୁତୁରା ହୋଇବେ
ଆଉ କେହି ପ୍ରଜା ପରି ।
ମାଆର ଭଉଣୀ ମାଉସୀ ହୋଇବ
ଜାଣିଛି ସମାଜୁ ଏହା
ତୁ କେଉଁ ମାଆର ଭଉଣୀ ହୋଇଛୁ
ଜାଣି ପାରୁନାହିଁ ତାହା ।
ଧରଣୀ ଦେବାରୁ ଖାଇବା ମୁଠାଏ
ସେ ବୋଲଇ ଆମ ମାଆ
ତୋ ପାଇଁ ଫସଲ ଯେଣୁ ହୁଏ ଭଲ
ମାଉସୀ ବୋଲାଉ ଆହା ।
ଶୀତରେ ଶୀତଳ ଏ ଧରଣୀ କୋଳ
ଖରାକୁ କଅଁଳ କରୁ
ନାନାଜାତି ଫୁଲ ତୁ ଆସିଲେ ଫୁଟେ
ଧରାଟି ଦିଶଇ ଚାରୁ ।
ନାନା ପରିବାରେ ଭରା ଏ ଧରଣୀ
ତୋ ପାଇଁ ଏସବୁ ମିଳେ
ଭାବୁଛି ସେପାଇଁ କବିକୁଳ ଏଠି
ମାଉସୀ କହିଲେ ଢ଼ଳେ ।
ଶୀତ ମାଉସୀ ଲୋ ତୋ ପାଇଁ ଏ ନର
ସୁସ୍ଥ ସବଳ ରେ ରହେ
ଆସୁଥା ଯାଉଥା ଆଶିଷ ଦେଉଥା
ଏଜୀବ ଜଗତ ଚାହେଁ ।

+ଗୋରଡ଼ା ପାଳ, କରମୂଳ
ଢେଙ୍କାନାଳ
ମୋ: ୯୯୩୮୮୦୨୪୧୨

### ପ୍ରେମ ଅଢେଇ ଅକ୍ଷର

**ଜୟନ୍ତ କୁମାର ମଲ୍ଲିକ୍**

ପ୍ରେମ ଏଠି କେବେ ଖରାର ତାତିରେ
କୃଷ୍ଣଚୁଡ଼ାର ହସ
କେବେ ପୁଣି ସେତ ପ୍ରଣୟ କାବ୍ୟର
ସୁମଧୁର ମିଠା ରସ ।
କେବେ ପୁଣି ସେତ ଶୀତ ସକାଳର
ସୁନ୍ଦର କାକର ବିନ୍ଦୁ
କେବେ ପୁଣି ସେତ କୁଆଁର ପୁନେଇଁ
ରାତିର ହୀରକ ଇନ୍ଦୁ ।
ମେଘୁଆ ଆକାଶ ଇନ୍ଦ୍ରଧନୁ ପରି
କେବେ ତା' ଝଟକି ଥାଏ
ମନ୍ଦିର ଦେହର ପ୍ରତିମା ପରିକା
ସଭିଙ୍କ ଆଦର ପାଏ ।
କାହା ପାଇଁ ସେତ ଅଦିନ କୁହୁଡ଼ି
ଲାଗିଥାଏ ଧୂଆଁ ଧୂଆଁ
କାହା ପାଇଁ ପ୍ରେମ ଅଢେଇ ଅକ୍ଷର
ସ୍ୱର୍ଗୀୟ ଯାହାର ଛୁଆଁ ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର, ଯାଜପୁର
ମୋ: ୯୪୩୭୮୬୫୭୨୭

# ପୁରୀ ଜିଲ୍ଲାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

ପୁରୀ,୧୪/୧୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ପୁରୀ ସମେତ ନିମାପଡା, ପିପିଲି, କୋଣାର୍କ, କଣାସ, ବ୍ରହ୍ମଗିରି, ଅସ୍ତରଙ୍ଗ ଓ କାକଟପୁର କୋର୍ଟରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷା ତଥା ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ସଚିବ ପରିତୋଷ କୁମାର ସେଠୀଙ୍କ ପରିଚାଳନାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏହି ଲୋକ ଅଦାଲତରେ ୧୩୩୪୦ ଗୋଟି ମୋକଦ୍ଦମା ଫଇସଲା କରାଯିବା ସହ ଜୋରିମାନା ଓ କ୍ଷତିପୂରଣ ବାବଦରେ ୫,୩୮,୪୭,୪୭୨ ଟଙ୍କା ଆଦାୟ କରାଯାଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ଅଜନ୍ତା ଷଡଙ୍ଗୀ ଏହାକୁ ଉଦଘାଟନ କରିଥିଲେ । ପରିବାର ଅଦାଲତ ବିଚାରପତି ସୁମିତା ଜେନା, ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ସୈକତ ପତ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଚିନ୍ମୟ ମିଶ୍ର ମୁଖ୍ୟ ବିଚାରପତି ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନି ବିଚାରପତି ସୌମ୍ୟରୂପ ସାହୁ, ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ପ୍ରଜ୍ଞା ପଣ୍ଡା, ଦ୍ୱିତୀୟ ଅତିରିକ୍ତ ବରିଷ୍ଠ ଦେୱାନି ବିଚାରପତି ସୋନାଲୀ ଅପରାଜିତା ଦେୱାନି ବିଚାରପତି ସିଦ୍ଧାର୍ଥ ଶଙ୍କର ସେନାପତି, ଉପଖଣ୍ଡ ବିଚାର ବିଭାଗୀୟ ବିଚାରପତି ପତିତପାବନ ପଣ୍ଡା, ଗ୍ରାମ ନ୍ୟାୟାଧାକାରୀ ସୋନାଲୀ ମହାନ୍ତି, ପ୍ରଥମ ଶ୍ରେଣୀବିଚାର ବିଭାଗୀୟ ବିଚାରପତି (କଗ-୧ )ମିସ୍ ରୀତିକା ଗର୍ଗ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି (କଗ-୨) ଅନିମେଶ ଜେନା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ସୌରଭ ମହାପାତ୍ର, ଶିବାନୀ ମହାପାତ୍ର, ନିଳିସା ପଟ୍ଟନାୟକ ମାମଲା ଗୁଡିକର ବିଚାର କରିଥିଲେ । ଲୋକ ଅଦାଲତରେ ୭୬ଗୋଟି ମୋଟର ଦୁର୍ଘଟଣା ମାମଲା ବିଚାର କରାଯାଇ ୪,୦୫,୪୫,୦୦୦/- ଟଙ୍କା ଆଦାୟ କରାଯାଇଛି । ସେହିପରି ୩୯ ଗୋଟି ଚେକ ବାଉନ୍ସ କେସ, ୬୫ ଗୋଟି କ୍ରିମିନାଲ କମ୍ପାଉଡେବୁଲ, ୬ ଗୋଟି ମନି ରିକଭରି କେସ, ୩୪ ଗୋଟି ବୈବାହିକ ବିବାଦ ୧୦୬ ଗୋଟି ଅନ୍ୟାନ୍ୟ ସିଭିଲ କେସ, ୨୯୮ ଗୋଟି ଅନ୍ୟାନ୍ୟ କ୍ରିମିନାଲ ମୋକଦ୍ଦମା ଫଇସଲା କରାଯାଇଥିଲା । ଏହାଛଡା ୨୦୯ ଗୋଟି ପ୍ରାକ ମୋକଦ୍ଦମାର ଫଇସଲା କରାଯାଇ ବ୍ୟାଙ୍କ ଋଣ ଏଥି ବାବଦକୁ ୬୨,୭୮,୯୮୫/- ଟଙ୍କା ଆଦାୟ କରାଯାଇଅଛି । ଆଜିର ଏହି ଲୋକ ଅଦାଲତରେ ଜିଲ୍ଲା କାରାଗାରର କଏଦୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗୁଡ଼ିକର ଷ୍ଟଲ କୋର୍ଟ ପରିସର ଭିତରେ ଆୟୋଜିତ ହୋଇଯାଇଛି ।

# ଓଷ୍ଟା କେନ୍ଦ୍ରାପଡା ବ୍ଲକ ଅନୁକୂଲ୍ୟରେ ୪୨ତମ ମଣ୍ଡଳସ୍ତରୀୟ ଶିଶୁ ଉତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡା,୧୪/୧୨ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)କେନ୍ଦ୍ରାପଡା ବ୍ଲକ ଅନୁକୂଲ୍ୟରେ ୪୨ତମ ମଣ୍ଡଳ ସ୍ତରୀୟ ଶିଶୁ ଉତ୍ସବ ଉଦଯାପିତ ହୋଇଯାଇଛି । ଉଦ୍ଘାଟନ ଉତ୍ସବରେ ବ୍ଲକ ଓଷ୍ଟା ସଭାପତି ତପନ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀ ଯୋଗଦେଇ ନୈତିକ ଶିକ୍ଷା ଉପରେ ପିଲାମାନଙ୍କୁ ଆଶ୍ରି ବଚନ ପ୍ରଦାନ କରିଥିଲେ । ରାଜ୍ୟ ଓଷ୍ଟାର ସଂପାଦକ ଶିକ୍ଷକ ନେତା ପ୍ରଣବ କୁମାର ଜେନା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପିଲାମାନଙ୍କ ମଧ୍ୟରେ ଅନେକ ସମ୍ଭାବନା ଅଛି । ତାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ପରିପ୍ରକାଶ କରିବା ସମସ୍ତ ଶିକ୍ଷକ, ଶିକ୍ଷିକା ମାନଙ୍କର ନୈତିକ କର୍ତ୍ତବ୍ୟ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂପାଦକ ଭଗବାନ ସାହୁ, ପ୍ରଧାନ ଶିକ୍ଷୟିତ୍ରୀ ତଥା ଅଭ୍ୟର୍ଥନା କମିଟି ଅଧ୍ୟକ୍ଷା କାମିନୀ ନାୟକ, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁ ସଭାପତି ଡଃ. ଉପେନ୍ଦ୍ରନାଥ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ନାୟକ, ସି.ଆର.ସି.ସି. ରଶ୍ମି ରଞ୍ଜନ ପ୍ରଧାନ ପ୍ରମୁଖ ପ୍ରତିଯୋଗୀ ମାନଙ୍କୁ ଆଶ୍ରି ବଚନ ପ୍ରଦାନ କରିବା ସହ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶର ସୁନାମ ଆଣିବାକୁ ପରାମର୍ଶ ଦେଇଥିଲେ । ଶିଶୁ ଉତ୍ସବ ଅଭ୍ୟର୍ଥନା କମିଟି ଅଧକ୍ଷା ଶ୍ରୀମତୀ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ସନ୍ତୋଷ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ । ପଙ୍କଜ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ । ୧୦ଟି ବିଭାଗରେ ୧୭ଟି ବିଦ୍ୟାଳୟରୁ ୧୩୯ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଉଦଯାପନ ଉତ୍ସବରେ ତପନ କୁମାର ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ବରିଷ୍ଠ ବିଜେପି ନେତ୍ରୀ ତଥା ପ୍ରାକ୍ତନ ଜିଲ୍ଲା ପରିଷ ସଭାପତି ଗୀତାଞ୍ଜଳି ସେଠୀ, ବିଶିଷ୍ଟ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ତଥା ବି.ଆର.ସି.ସି ବଳଦେବ ପ୍ରସାଦ ଜେନା, ମୁଖ୍ୟବକ୍ତା ଭାବେ ଓଷ୍ଟା ଜିଲ୍ଲା ସଭାପତି ଅଶୋକ କୁମାର ପରିଡା, ସମ୍ମାନିତ ଅତିଥି ରୂପେ ଅଲେଖ ଚନ୍ଦ୍ର ମହାନ୍ତି, ଜିଲ୍ଲା ଓଷ୍ଟା ଯୁଗ୍ମ ସଂପାଦିକା ସରୋଜିନୀ ସ୍ୱାଇଁ, ଡେରାବିଶ ବ୍ଲକ ସଂପାଦକ ଗଗନ ବିହାରୀ ସୁତାର, ସଭାପତି ପୀତବାସ ପଣ୍ଡା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ବଳ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବ୍ଲକ ସଂପାଦକ ନାରାୟଣ ପଣ୍ଡା ଉଦଘାଟନ ଉତ୍ସବ ଓ ଉଦଯାପନ ଉତ୍ସବରେ ସଂପାଦକୀୟ ବିବରଣୀ ପାଠ କରିଥିବା ବେଳେ ଜିଲ୍ଲା କାର୍ଯ୍ୟକାରଣୀ ସଦସ୍ୟ ମହେଶ୍ୱର ସାହୁ ଉଭୟ ଉତ୍ସବରେ ମଞ୍ଚ ସଂଯୋଜନା କରିଥିଲେ ।

# ଅଣିଜୋରେ ମେଗା ସ୍ୱାସ୍ଥ୍ୟ ଶିବିର: ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣାରେ ବଟାଂଗଲା ଔଷଧ

ଭଦ୍ରକ,୧୪/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ସିନ୍ଧୁକେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବଜେନ୍ଦ୍ର ପଣ୍ଡା ରୁରାଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଶିବିରକୁ ଭଦ୍ରକ ଜିଲ୍ଲାପାଳ ଦିଲ୍ଲିପ ରାଉତରାୟ ଉଦ୍‌ଘାଟନ କରି କହିଲେ, ଦୁନିଆରେ ଯେଉଁମାନେ ସମାଜକୁ କିଛି ସଂକଳ୍ପବଦ୍ଧ କରନ୍ତି ସେମାନେ ଚିରସ୍ମରଣୀୟ । ମା' ମାଟିର ଆର୍ଶୀବାଦ ରହିଲେ ଆମେ ଆଗକୁ ବଢି ପାରିବା ବୋଲି ସେ କହିଥିବା ବେଳେ ଫାଉଣ୍ଡେସନର ପ୍ରତିବର୍ଷ ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ଆୟୋଜିତ ସଭାକୁ ହାଇଟେକ୍ ମେଡିକାଲ କଲେଜର ବରିଷ୍ଠ ସ୍ନାୟୁ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଦାମୋଦର ପଣ୍ଡା ଅଧକ୍ଷତା କରିଥିଲେ । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିର ରଞ୍ଜନ ନାୟକ,ପ୍ରାକ୍ତନ ବ୍ଲକ ଅଧକ୍ଷ ମୁରଲୀଧର ପଣ୍ଡା, ସମାଜସେବୀ ପଦ୍ମନାଭ ପାଣିଗ୍ରାହୀ, ଲକ୍ଷ୍ମୀଧର ପଣ୍ଡା, ପ୍ରଧାନଶିକ୍ଷକ ମୁକ୍ତିକାନ୍ତ ନାୟକ ପ୍ରମୁଖ ମଚାଂସୀନ ଥିଲେ । ବନ୍ତ ବ୍ଲକ ସମେତ ଖଇରା, ସିମୁଳିଆ ଓ ଭଦ୍ରକ ବ୍ଲକ ଅଚଂଳର ୯ ଶହରୁ ଉର୍ଦ୍ଧ ଲୋକଙ୍କ ପଞ୍ଜିକରଣ କରାଯାଇ ପରୀକ୍ଷା ନିରିକ୍ଷା ସହ ମାଗଣାରେ ଔଷଧ ବଟଂନ କରାଯାଇଥିଲା । ଆଣ୍ଠୁଗଣ୍ଠି ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ.ଶକ୍ତିସ୍ୱରପ ପଣ୍ଡା, ପ୍ଲାଷ୍ଟିକ ଓ ଶାରିରୀକ ଅଙ୍ଗ ପୁନଃ ନିର୍ମାଣ ସର୍ଜରୀ ବିଭାଗର ଡ. ସୌରଭ ଶୁଭମ୍, ନିଶ୍ଚେତକ ବିଭାଗର ଡ.ଦିପିନ୍ଦର କୌର, ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡ.ଅକ୍ଷୟ କୁମାର ମହାରଣା, ଆଣ୍ଠୁଗଣ୍ଠି ରୋଗ ଓ ଅସ୍ଥିଶଲ୍ୟ ବିଭାଗର ଡ.ସତ୍ୟବ୍ରତ ଦାଶ, ଡ.ବିଶ୍ୱଜିତ୍ ସାହୁ, ଡାଇବେଟିସ୍ ଡ.ସ୍ମୃତିରଞ୍ଜନ ସ୍ୱାଇଁ,ପ୍ଲାଷ୍ଟିକସର୍ଜରୀ ବିଭାଗର ଡ. ବିଶ୍ୱବିଜୟିନୀ ରାଉତ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଦେବଜିତ୍ କର ,ସୁବାଷ ପରିଡା ଔଷଧ ବିତରଣ କରିଥିଲେ । ପଞ୍ଜିକରଣରେ ବସନ୍ତ କୁମାର ପତିଙ୍କ ସମେତ ଶ୍ରିୟାରାଣୀ ଭୋଳ,ହେମଲତା ପଣ୍ଡା, ସ୍ମୃତିରେଖା ସାହୁ, ଖୁସି ନାୟକ ଦାୟିତ୍ୱ ତୁଲାଇ ଥିଲେ । ମମତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱୟଂସ୍ନିଗ୍ଧା ପଣ୍ଡା,ରତ୍ନାକର ମହାଲିକ, ଶ୍ରୀନିବାସ ପଣ୍ଡା, ଭଗିରଥ ସାହୁ, ଟୁନା ଦାସ,ଶରତ କରଙ୍କ ସମେତ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ନିତ୍ୟାନନ୍ଦ ରାଉତ, ଇତିଶ୍ରୀ ଜେନା, ଜ୍ୟୋତିଶ୍ରୀ ଜେନା, ଅନ୍ତର୍ଯ୍ୟାମୀ ମଲ୍ଲିକ୍, ରୀତାଞ୍ଜଳୀ ମହାକୁଡ, ବିଷ୍ଣୁପଦ ଜେନା, ମଧୁସ୍ମିତା ରାଉତ, ହୃଷିକେଷ ନାଗ, ଅନୁଶୟା ଜେନା, ସୀତା ସେଠୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ପ୍ରାରମ୍ଭରେ ସ୍କାଉଟ ଗାଇଡ୍ ଓ ଜେଆରସିର ଛାତ୍ରଛାତ୍ରୀ ମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରସିଦ୍ଧ ପ୍ରତାପ ସିନ୍ଧୁକେଶ୍ୱର ମହାଦେବ ମନ୍ଦିର ବୁଲି ଦେଖିଥିଲେ ।

# ବୌଦ୍ଧର ପ୍ରସିଦ୍ଧ ଆଧ୍ୟାତ୍ମିକ ଧନୁଯାତ୍ରା: ମଂଚସ୍ଥ ହେଲା ନାଟକ ବଂଶୀ ବିଳପିଲା ଯମୁନା ତଟେ

ବୌଦ୍ଧ,୧୪/୧୨ (ନି.ପ୍ର): ଐତିହାସିକ ବୌଦ୍ଧ ସହର ପାଲଟିଛି ମଥୁରା ନଗରୀ । ବୌଦ୍ଧ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ସ୍ଥାନୀୟ ଭୈରବୀ ପଡିଆରେ ଧନୁଯାତ୍ରା ନାଟ୍ୟୋତ୍ସବ ଚାଲୁଅଛି । ବୌଦ୍ଧର ଧନୁଯାତ୍ରା ଜିଲା ତଥା ଜିଲା ବାହାରର ଦର୍ଶକମାନଙ୍କ ପାଇଁ ଏବେ ଆକର୍ଷଣର କେନ୍ଦ୍ର ହୋଇପାରିଛି । ଚତୁର୍ଥ ସନ୍ଧ୍ୟାରେ ମଂଚସ୍ଥ ହୋଇଥିଲା ନାଟକ ବଂଶୀ ବିଳପିଲା ଯମୁନା ତଟେ । ନାଟକ ପୁର୍ବରୁ ନିର୍ବାକ ନୃତ୍ୟ ନାଟିକା ଭୃଗୁପତି ଭାର୍ଗବ ପରିବେଷିତ ହୋଇଥିଲା । ପରେ ପରେ ନାଟକରେ କୃଷ୍ଣଙ୍କ ଚରିତ୍ର ଉପରେ ଆଧାରିତ ନାଟକ ପରିଷେଣ ହୋଇଥିଲା । ଯାତ୍ରା ପଡିଆରେ ଏକସ୍ୱତନ୍ତ୍ର ମଂଚ ପ୍ରସ୍ତୁତ କରାଯାଇ କୃଷ୍ଣଙ୍କର କାଳୀୟ ଦଳନ ଦୃଶ୍ୟ ପରିବେଶିତ ହୋଇଥିଲା । ଯୌବନରେ ପଦାର୍ପଣ ଏବଂ ଗୋବଚ୍ଛାହରଣ, ବ୍ରହ୍ମାଙ୍କ ଠାରୁ ମୋହନ ବଂଶୀ ପ୍ରାପ୍ତି ତା ସଙ୍ଗେ ସଙ୍ଗେ ଗୋପୀଙ୍କ ବସ୍ତ୍ର ହରଣ, ଯମୁନା ନଦୀରେ ନାବକେଳି ଏବଂ ଶ୍ରୀ ବତ୍ସର ପାଦଚିହ୍ନ ଧାରଣ, ଗୋବର୍ଦ୍ଧନ ଗିରି ଉତୋଳନ ନାଟକ ମଂଚସ୍ଥ ହୋଇଥିଲା । ନାଟକରେ କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ହରିଶଙ୍କର ମେହେର, କୃଷ୍ଣ ରୋହିତ ଗୌଡ, ରାଧା ହରିଶଙ୍କର ମେହେର, ନନ୍ଦ ଇନ୍ଦ୍ରମଣୀ ମେହେର, ଯଶୋଦା ସାନୁର୍ଯ୍ୟ ବାରିକ, ଉଗ୍ରେସନ ରୁଦ୍ରଭାନୁ ଭୋଇ, ଇନ୍ଦୁମତୀ କମ୍ପୁ ସାହୁ, ସୁବଳ ବିଷ୍ଣୁ ବନଛୋର, ସୁଦାମା ସୋନୁ ବାରିକ, କାଳୀୟ ବୃନ୍ଦାବନ ମେହେର ଅଭିନୟ କରିଥିଲେ । ସେହିପରି ବୌଦ୍ଧ ଧନୁଯାତ୍ରାର ତୃତୀୟ ସନ୍ଧ୍ୟାରେ ମଂଚସ୍ଥ ହୋଇଥିଲା ନାଟକ ମଥୁରାର କଳାଚାନ୍ଦ ଗୋପରେ ବଢୁଛି । ନାଟକ ପ୍ରାରମ୍ଭରୁ ଏକ ନୃତ୍ୟ ନାଟିକା ଭକ୍ତ ପ୍ରହଲ୍ଲାଦ ପରିବେଷିତ ହୋଇଥିଲା । ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ ହୋଇଥିଲା ମଥୁରାର କଳାଚାନ୍ଦ ଗୋପରେ ବଢୁଛି । ଏହି ନାଟକରେ କୃଷ୍ଣ ବଳରାମଙ୍କ ବାଲ୍ୟ ଲୀଳା , ଜାମଳାର୍ଜୁନ ଭଂଜନ, ବିଶ୍ୱରୂପ ଦର୍ଶନ, ବକାସୁର, ଅଘାସୁର ଓ ଧେନୁକାସୁର ବଧ, ନଟୁ ଚୋରୀ, ଦହିଚୋରୀ ଆଦି ପରିବେଷିତ ହୋଇଥିଲା । ଏହି ନାଟ୍ୟସୋବରେ ସମସ୍ତ ନାଟକ ଗୁଡିକ ବୌଦ୍ଧଜିଲ୍ଲାର ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ଦ୍ୱାରା ରଚିତ ହୋଇଥିବା ବେଳେ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନା ଦେଇଛନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି । ନାଟକର ବିଭିନ୍ନ ଭୂମିକାରେ ନନ୍ଦ ଭୂମିକାରେ ଇନ୍ଦ୍ରମଣୀ ମେହେର, ଯଶୋଦା ସାନୁର୍ଯ୍ୟ ବାରିକ,ଅଘାସୁର ଦୁର୍ଯ୍ୟୋଧନ, ବକାସୁର ପିଙ୍କୁ, ଚନ୍ଦ୍ରଶେଣା ସିର୍ଦ୍ଧାର୍ଥ, ସୁବଳ ରାଜା, ସୁଦାମ ଭୂମିକାରେ ବିଷ୍ଣୁ ଅଭିନୟ କରିଥିଲେ । ଏହା ସହ ଅନୁଷ୍ଠାନର ଛୋଟବଡ କଳାକାରମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା । ଧନୁଯାତ୍ରା ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର, ସଂପାଦକ ପଙ୍କଜ ମେହେର ଓ ନାଟ୍ୟ ପରିଷଦର ସମସ୍ତ ସଦସ୍ୟଙ୍କ ସହଯୋଗରେ ପାଳିତ ହେଉଅଛି ।

## କେନ୍ଦ୍ରାପଡାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ

କେନ୍ଦ୍ରାପଡା,୧୪/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୩୨୯ଟି ମାମଲା ପଞ୍ଜୀକରଣ ହୋଇଥିବା ବେଳେ ୩୨୦୮ ମାମଲା ଫଏସଲା ହୋଇ ୨ କୋଟି ୨୧ ଲକ୍ଷ ୧୨ ହଜାର ୭୦୬ ଟଙ୍କା ଆଦାୟ କରାଯାଇଛି । ଏଥିରେ ବିଦ୍ୟୁତ୍, ଜଳ ବିଲ ପୈଠ, ସାଲିଜ ବିହିନ, ଜମି ଅଧିଗ୍ରହଣ, ରାଜସ୍ୱ ମାମଲା, ବ୍ୟାଙ୍କ ଋଣ, ଚେକ ବାଉନ୍ସ, ଫୌଜଦାରୀ ଆଦି ମାମଲା ଗୁଡିକ ରହିଛି ।

# ବ୍ଲକସ୍ତରୀୟ ଓଷ୍ଟା ତରଫରୁ ଶିଶୁ ଉତ୍ସବ ପାଳିତ

ନୂଆପଡ଼ା,୧୪/୧୨ (ନି.ପ୍ର): ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ (ଓଷ୍ଟା) ଖଡିଆଳ ବ୍ଲକ ଶାଖା ଆନୁକୁଲ୍ୟରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ ମଧୁସୁଦନ ଉଚ୍ଚ ବିଦ୍ୟାଳୟ ଖାସବାହାଲ ଠାରେ ଆଜି ଅନୁଷ୍ଠିତ ହୋଇଯାଇଅଛି । ଉଦଘାଟନୀ ସମାରୋହରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ କୁନୁ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ନୂଆପଡ଼ା ଜିଲ୍ଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଡ. ସୁଶାନ୍ତ କୁମାର ବିଶି, ଉପ ସଭାପାତି ଭରତ ଚନ୍ଦ୍ର ବେହେରା, ସମ୍ପାଦକ ଚତୁର୍ଭୁଜ ସିଂ ଦେଓ, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜନାର୍ଦ୍ଦନ ସ୍ୱାଇଁ , ଜମିଦାତା ନିମାନନ୍ଦ ଶବର ପ୍ରମୁଖ ମଂଚାସିନ ରହି ଶିଶୁ ମାନଙ୍କ ଅନ୍ତର୍ନିହିତ ଗୁଣାବଳିର ବିକାଶ ସହିତ ପ୍ରତିଭାର ଅନ୍ୱେଷଣ ପାଇଁ ଶିଶୁ ଉତ୍ସବ ପାଳନ ଏକ ସୁଯୋଗ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଥମ ଅଧିବେଶନରେ ଖଡିଆଳ ବ୍ଲକ ଓଷ୍ଟା ସଭାପତି ଦେବାନନ୍ଦ ବେହେରା ଅଧକ୍ଷତା କରିଥିବା ବେଳେ ଶିକ୍ଷକ ଜୟଦେବ ବେହେରା ମଂଚ ପରିଚାଳନା କରିଥିଲେ । ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।ଏ ଏଅବସରରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଭାଗ ନେଇଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ତର୍କ, ବକ୍ତୃତା, ଗୀତ ଆବୃତି, ଗଳ୍ପ ଲିଖନ, କବିତା ଲିଖନ, କୁଇଜ, ଏକକ ନୃତ୍ୟ, ଲୋକ ନୃତ୍ୟ ଇତ୍ୟାଦି ୧୦ ଗୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଲମ୍ବୋଦର ନିଆଲ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଜିଲ୍ଲା ଓଷ୍ଟା ସଭାପତି ବନବିହାରି ମେହେର, କାର୍ଯ୍ୟକରୀ ସଭାପତି ଡ. ଶ୍ରୀ ବିଶି , ଉପ ସଭାପତି ଶ୍ରୀ ବେହେରା, ରାଣୀମୁଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଦେବରାଜ ସ୍ୱାଇ, ଖାସବାହାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ, ସମ୍ପାଦକ ଶ୍ରୀ ଦେଓ ମଂଚ ଆସିନ ଥିଲେ। ମୁଖ୍ୟ ଅତିଥି ଶ୍ରୀ ନିଆଲ ଖଡିଆଳ ଅଂଚଳର ଶିକ୍ଷା ଅନୁଷ୍ଠାନ ମାନଙ୍କର ଭିତିଭୂମିର ବିକାଶ ପାଇଁ ଏବଂ ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ମାନଙ୍କ ଚାକିରି ସର୍ତାବଳି ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ କହିଥିଲେ। ଏଅବସରରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ମଂଚ ପରିଚାଳନା ଧରଣୀଧର ଦେ କରିଥିବା ବେଳେ ରାଧିକାରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉଦ୍ଧବ ମେହେର, ବ୍ରଜକିଶୋର ସାହୁ, ଓମପ୍ରକାଶ ସରାଫ, ମନୋହର ପଟେଲ, ରାଜେନ୍ଦ୍ର ପ୍ରସାଦ ମହାରଣା, ଶିବ କୁମାର ଶବର, ମଞ୍ଜରୀ ଶବର ପ୍ରମୁଖ ସହଯୋଗ କରିଥିଲେ।

# ଜୀବନ ବୀମା ଅଭିକର୍ତ୍ତା ମହାସଂଗଠନର ଦୁଇ ଦିନିଆ ଅଧିବେଶନ ଆରମ୍ଭ

ବଲାଙ୍ଗିର,୧୪/୧୨ (ନି.ପ୍ର): ଜୀବନବୀମା ଅଭିକର୍ତା ମହାସଂଗଠନ, ସମ୍ବଲପୁର ମଣ୍ଡଳ ପରିଷଦର ଦୁଇ ଦିନିଆ ୧୧ତମ ସାଧାରଣ ଅଧିବେଶନ ବଲାଙ୍ଗିର ସମ୍ବଲପୁର ରୋଡ ସ୍ଥିତ ନଟରାଜ ପ୍ୟାଲେସ ଠାରେ ଆରମ୍ଭ ହୋଇଯାଇଛି । ଅଭିକର୍ତା ମାନଙ୍କ ଏହି ମହା ସମ୍ମିଳନୀରେ ସମ୍ବଲପୁର ମଣ୍ଡଳ ଅନ୍ତର୍ଗତ ସମସ୍ତ ଶାଖାରୁ ଶତାଧିକ ଜୀବନବୀମା ଅଭିକର୍ତା ଯୋଗଦାନ କରିଛନ୍ତି । ଉଦ୍‌ଘାଟନୀ ଦିବସରେ ବିଶିଷ୍ଟ ପଣ୍ଡିତ ବଂଶୀଧର ଦାନୀଙ୍କ ମନ୍ତ୍ରୋଚ୍ଚାରଣ ଓ ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ସହିତ ଦିବଂଗତ ମହାସଂଗଠନର ନେତୃବୃନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ମଣ୍ଡଳ ପରିଷଦ ସଭାପତି ଦାମୋଦର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ କେନ୍ଦ୍ରୀୟ ସଂପାଦକ ବି. ମର୍କଣ୍ଡେୟୁଲୁ, ରାଜନୈତିକ ବ୍ୟାପାର କମିଟି ଓ ସାଂଗଠନିକ ଅଧକ୍ଷ ଏନ୍.ଗଜପତି ରାଓ, ଜୀବନ ବୀମା ନିଗମ ସମ୍ବଲପୁର ମଣ୍ଡଳ ବରିଷ୍ଠ ପ୍ରବନ୍ଧକ ରବି ନାରାୟଣ ପୁଝାରୀ, ଶିକ୍ଷା ବିଭାଗ ଅଧକ୍ଷ ରବି ନାରାୟଣ ମିଶ୍ର, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଜ ନାରାୟଣ ଦେଓ, କ୍ଷେତ୍ରୀୟ ସଭାପତି ରାକେଶ ନନ୍ଦକେଓଲିଆର, କ୍ଷେତ୍ରୀୟ ସଂପାଦକ ସରୋଜ କୁମାର ଶଙ୍ଖୁଆ, କ୍ଷେତ୍ରୀୟ ସାଂଗଠାନିକ ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ଯୁବଜାନି ବେଜ, କାର୍ଯ୍ୟକାରୀ ସଭାପତି ଇଂ.ଅଜିତ କର, ସଂପାଦକ ଅନିରୁଦ୍ଧ ସାମଲ ତଥା ମଣ୍ଡଳ ସ୍ତରୀୟ ପ୍ରମୁଖ ନେତୃବୃନ୍ଦ ମଂଚାସିନ ଥିବାବେଳେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦାନ କରିଥିଲେ । ବରିଷ୍ଠ ମହିଳା ଅଭିକର୍ତା କଳ୍ପନା ମେହେର ଓ ଆରତି କୁମାରଙ୍କ ସଂଯୋଜନାରେ ଅଭ୍ୟର୍ଥନା କମିଟି ଅଧକ୍ଷ ଅସୀମ ପଟ୍ଟନାୟକଙ୍କ ସ୍ୱାଗତ ଅଭିଭାଷଣ ଦେବା ପରେ ସାଂଗଠନିକ ନେତୃବୃନ୍ଦ ଜୀବନ ବୀମା ଅଭିକର୍ତା ମାନଙ୍କ ବହୁବିଧ ସମସ୍ୟା ଓ ବୃତିଗତ ସୁରକ୍ଷା ଉପରେ ବ୍ୟାପକ ବିଚାର ବିମର୍ଷ କରିଛନ୍ତି ଓ ମହାସଂଗଠନର ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି । କାର୍ଯ୍ୟକ୍ରମ ଶେଷରେ ବରିଷ୍ଠ ଅଭିକର୍ତା ଦେବାନନ୍ଦ ଦାସ, ବିଶିଷ୍ଟ କଣ୍ଠଶିଳ୍ପୀ ବିଜେଞ୍ଜସି ବାରିକ ଓ ଶିବାନୀ ମହାପାତ୍ର ପ୍ରମୁଖ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଦ୍ୱିତୀୟ ଦିବସରେ ମଣ୍ଡଳ ପରିଷଦର ସାଂଗଠନିକ ନିର୍ବାଚନ ଅନୁଷ୍ଠିତ ହେବ ଓ ସମ୍ବଲପୁର-୧, ସମ୍ବଲପୁର-୨, ରାଉରକେଲା, ଉଦିତ ନଗର, ପାନପୋଷ, କୁଚିଣ୍ଡା, ସୁନ୍ଦରଗଡ, ବୁର୍ଲା, ଟିଟିଲାଗଡ, ପଦମପୁର ଶାଖାର କାର୍ଯ୍ୟକର୍ତା ବୃନ୍ଦ ଏହି ନିର୍ବାଚନରେ ଅଂଶଗ୍ରହଣ କରି ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତା ନିର୍ବାଚିତ କରିବେ ବୋଲି ଅଭ୍ୟର୍ଥନା କମିଟି ଅଧକ୍ଷ ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ସମସ୍ତ କାର୍ଯ୍ୟକ୍ରମକୁ ବଲାଙ୍ଗିର ଶାଖାର କାର୍ଯ୍ୟକାରୀ ସଭାପତି ରାମ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପ୍ରତାପ ସାହୁ, ଡମ୍ବରୁଧର ମେହେର, କହ୍ନାଇଲାଲ ମେହେର, ଗୋଲେକ ବିହାରି ସାହୁ, ସଂପାଦକ ସରୋଜ କୁମାର ଭୋଇ, ଯୁଗ୍ମ ସଂପାଦକ ପ୍ରଭୁଦତ ଦାଶ, ପୁରନ୍ଦର ମିଶ୍ର, ସଂଜିବ କୁମାର ମିଶ୍ର, ସଂଯୋଜକ କୃତିବାସ କର୍ମୀ ଓ କୋଷାଧକ୍ଷ ସାଧୁରାମ ପୃଷ୍ଟିଙ୍କ ନେତୃତ୍ୱରେ ଶତାଧିକ ଅଭିକର୍ତା ଆୟୋଜନରେ ସହଯୋଗ କରୁଛନ୍ତି ।

# ଅବିଭକ୍ତ କୋରାପୁଟ ଜିଲ୍ଲା କମିଟିକୁ ନେଇ ଉତ୍କଳ ସମ୍ମିଳନୀର ବୈଠକ

ଜୟପୁର,୧୪/୧୨ (ନି.ପ୍ର): ଅବିଭକ୍ତ କୋରାପୁଟ ଜିଲ୍ଲାର ଉତ୍କଳ ସମ୍ମିଳନୀ କର୍ମକର୍ତା ମାନଙ୍କୁ ନେଇ ଆଜି ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜୟପୁର ବାଳକୃଷ୍ଣ ପ୍ୟାଲେସ୍ ଠାରେ କୋରାପୁଟ ଜିଲ୍ଲା ସଭାପତି ମଦନ ମୋହନ ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରୀୟ ସଂପାଦକ ବିରେନ୍ ମୋହନ ପଟ୍ଟନାୟକଙ୍କ ସହ ଭୃଗୁ ବକ୍ସିପାତ୍ର, ରାୟଗଡ଼ା ଜିଲ୍ଲା ସଭାପତି ବ୍ରଜ ସୁନ୍ଦର ନାୟକ, ପୂର୍ବତନ କେନ୍ଦ୍ରୀୟ ଉପସଭାପତି ବିନୋଦ ମହାପାତ୍ର ପ୍ରମୁଖ ଯୋଗଦେଇ ଅବିଭକ୍ତ ଜିଲ୍ଲାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବିଶେଷକରି ଏହି ଅବିଭକ୍ତ ଚାରି ଜିଲ୍ଲା ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବଙ୍ଗପୁରର ପ୍ରଗତୀରେ ଉତ୍କଳ ସମ୍ମିଳନୀର ଭାଗୀଦାରୀ କ'ଣ ହେବା ଆବଶ୍ୟକ ବୋଲି ଆଲୋଚନା ଏବଂ ମତାମତ ଗ୍ରହଣ କରାଯାଇଥିଲା । ସରକାରୀ ସ୍ତରରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟରେ ଓଡ଼ିଆଙ୍କ ଅଂଶିଦାରି କେତେ ପରିମାଣରେ କମୁଥିବା କର୍ମକର୍ତାମାନେ ମତ ଦେଇଥିଲେ । ଏପରିକି ପୋଲାଭରମ୍ ପ୍ରକଳ୍ପ, କୋଟିଆ ଅଂଚଳ, ବଂଶଧାରା ନଦୀ, ଖଣିଜ ସଂପଦର ଉତୋଳନ, ଶିକ୍ଷାର ପ୍ରସାର, ରେଳସେବାର ବ୍ୟାପକତା, ଖଣିଜ ଶିଳ୍ପର ବୃଦ୍ଧିରେ ଓଡ଼ିଆଙ୍କ ଭାଗିଦାରିତା କମୁଥିବା ମତ ଆସିଥିଲା । ସୀମାନ୍ତ ଅଂଚଳରେ ପଡ଼ୋଶୀ ରାଜ୍ୟମାନଙ୍କ ପ୍ରାଧାନ୍ୟ, ଆମ ଅଂଚଳ ଏବଂ ଅର୍ଥନୀତି ଉପରେ ପଡ଼ୋଶୀଙ୍କ ଜବରଦଖଲକୁ ସମ୍ମିଳନୀ କିଭଳି ପ୍ରତିହତ କରିବ ସେ ନେଇ ମତାମତ ସଂଗ୍ରହ କରାଯାଇଥିଲା । ଆଗାମୀ ଦିନରେ ଏହି ମତକୁ ଗ୍ରହଣ କରି ଉତ୍କଳ ସମ୍ମିଳନୀ କିପରି ଓଡ଼ିଆଙ୍କ ସ୍ୱାର୍ଥକୁ ନେଇ ସାଣିତ ଢ଼ଙ୍ଗରେ ପ୍ରଶାସନିକ ବିଧି ବ୍ୟବସ୍ଥାରେ ମତ ରଖିବ ସେ ସଂପର୍କରେ ସହମତି ପ୍ରକାଶ ପାଇଥିଲା । ଏହାକୁ ଆଧାରି କରି ସମ୍ମିଳନୀ ପକ୍ଷରୁ କେନ୍ଦ୍ରୀୟ ନେତୃତ୍ୱ, ସମସ୍ତ ଜିଲ୍ଲାର ଶାଖା କର୍ମକର୍ତା ଏବଂ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନଙ୍କୁ ନେଇ ଏକ ଦୁଇ ଦିନିଆ ସମ୍ମେଳନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଉତ୍କଳ ସମ୍ମିଳନୀର ଏହି ସମ୍ମେଳନ ଜୟପୁର ଠାରେ ଆସନ୍ତା ଫେବୃଆରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖ ଦୁଇ ଦିନ ଧରି ଚାଲିବ ଏବଂ ଏହାର ନିର୍ଯ୍ୟାଶ ପ୍ରକାରେ ଉତ୍କଳ ସମ୍ମିଳନୀ ଓଡ଼ିଆଙ୍କ ସ୍ୱାର୍ଥ ପାଇଁ ଆଗକୁ ପ୍ରଖରତା ପୂର୍ବକ କାମ କରିବ ବୋଲି ବୈଠକରେ ଭୃଗୁ ବକ୍ସିପାତ୍ର ଘୋଷଣା କରିଥିଲେ । ଏହାକୁ ଉପସ୍ଥିତ ନେତୃତ୍ୱ ସ୍ୱାଗତ କରିଥିଲେ । ବୈଠକରେ ରାୟଗଡ଼ା ସଂପାଦକ ଅରୁଣ ପାଣିଗ୍ରାହୀ, କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କୋରାପୁଟ ଜିଲ୍ଲା ସଂଗଠନ ସଂପାଦକ ପରମେଶ୍ୱର ପାତ୍ର ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ପରିଷଦ ସଦସ୍ୟ ହରିହର କରସୁଧା ପଟ୍ଟନାୟକ, ବାଲା ରାୟ, ଦୁର୍ଗା ପ୍ରସାଦ ମିଶ୍ର, ରମାକାନ୍ତ ରାଉଳ, ଦେବେନ୍ଦ୍ର ବାହିନୀପତି, ତେଜେଶ୍ୱର ପଣ୍ଡା, ଜିଲ୍ଲା ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼, ଜୟପୁର ନାଗରିକ କମିଟି ସଭାନେତ୍ରୀ ବିନୋଦୀନୀ ସାନ୍ତାପାତ୍ର, ଜାନକୀ ପାଣିଗ୍ରାହୀ, ପ୍ରମୋଦୀନୀ ହୋତା, ଶୁଭେନ୍ଦୁ ବ୍ରହ୍ମା, ଶିଳ୍ପା ପାଣୀ, ଲକ୍ଷ୍ମୀ ନାରାୟଣ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ବିଦ୍ୟୁତ ଆଘାତରେ ଯୁବକ ଗୁରୁତର

ବଲାଙ୍ଗିର,୧୪/୧୨ (ନି.ପ୍ର): ସ୍ଥାନୀୟ ସୁଦପଡା ଫାଟକରେ ରେଲୱେ ଡିପାର୍ଟମେଣ୍ଟ ତରଫରୁ କାମ ଚାଲିଥିବା ସମୟରେ ଜଣେ କର୍ମଚାରୀ ୨୫୦୦୦ ଭୋଲ୍ଟ ରେଲୱେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ ରାସ୍ତା କଡରେ ଛଟପଟ ହେଉଥିଲେ । ଠିକ୍ ସେହି ସମୟରେ ଅନ୍ତର୍ଜାତୀୟ କରାଟେ ପ୍ରଶିକ୍ଷକ ତଥା ଯୁବ ସମାଜସେବୀ ଅସୀମ କୁମାର ଭୋଇ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିଦ୍ୟୁତ ଆଘାତରେ ଛଟପଟ ହେଉଥିବା ଯୁବକଟିକୁ ଦେଖି ଅନ୍ୟ ଜଣଙ୍କ ସହ ସଙ୍ଗେ ସଙ୍ଗେ ନିଜ ସ୍କୁଟିରେ ବସାଇ ଭୀମ ଭୋଇ ହସ୍ପିଟାଲକୁ ନେଇ ଚିକିତ୍ସା କରାଇଥିଲେ । କିନ୍ତୁ ସେଠି ବିଶେଷ କିଛି ସୁବିଧା ନ ଥିବାରୁ ଆହତ ବ୍ୟକ୍ତିକୁ ଭୀମ ଭୋଇ କଲେଜକୁ ଏକ ପ୍ରାଇଭେଟ ଆମ୍ବୁଲେନ୍ସ ଯୋଗେ ସ୍ଥାନାନ୍ତରିତ କରାଯାଇଥିଲା । ସେଠି ଅସୀମ ଭୋଇ ଡାକ୍ତରଙ୍କ ସହ ପରାମର୍ଶ କରି ବର୍ଣ୍ଣ ୟୁନିଟରେ ଆଡମିଟ କରିଥିଲେ । ପରବର୍ତୀ ସମୟରେ ଆହତ ବ୍ୟକ୍ତିଙ୍କ ପରିବାର ଲୋକେ ମଧ ପହଂଚି ଥିଲେ । ଆହତ ବ୍ୟକ୍ତିଙ୍କ ଶରୀରର ୨୦ ପ୍ରତିଶତ ବିଦ୍ୟୁତ ଆଘାତରେ ଜଳି ଯାଇଥିବା ଡାକ୍ତର କହିଛନ୍ତି । ଆହତ ବ୍ୟକ୍ତିଙ୍କ ନାମ ପୂର୍ଣ୍ଣ ମିର୍ଦ୍ଧା ଓ ସେ ପଥରଚେପାରେ ବାସ କରନ୍ତି ।

# ସମୃଦ୍ଧ ସଂସ୍କୃତି ହିଁ ଦେଶ ଉନ୍ନତିର ମାପକାଠି

ସମ୍ବଲପୁର,୧୪/୧୨ (ନି.ପ୍ର): ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁର ଓ ଗାୟତ୍ରୀ ସନ୍ତୋଷ ଦାତବ୍ୟ ଟ୍ରଷ୍ଟ ଆନୁକୁଲ୍ୟରେ କୁଚିଣ୍ଡା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ 'ଆମ ସଂସ୍କୃତି ଆମ ଇତିହାସ' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠାନର ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧାପକ ଡ. ସୁଧାଂଶୁ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରୀ ମାନଙ୍କୁ ନିଜ ଇତିହାସ ଓ ସଂସ୍କୃତି ବିଷୟରେ ଅଧିକ ସୂଚନା ଦେଇ ଭବିଷ୍ୟତ ନାଗରିକ ଭାବେ ନିଜକୁ ଗୌରବାନ୍ୱିତ କରି ପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରି ନିଜ ଉନ୍ନତ ସଂସ୍କୃତି ଓ ଇତିହାସରେ ଆଲେଖ୍ୟ ଉପରେ ନିଜକୁ ଅବଗତ କରାଇ ସମାଜରେ ତାକୁ ଉପସ୍ଥାପନ କରିବା ଛାତ୍ରଛାତ୍ରୀ ମାନଙ୍କ କର୍ତବ୍ୟ ହେବା ଉଚିତ୍ ବୋଲି କହିଥିଲେ। ଡିଆଇଇଟି ର ପ୍ରାକ୍ତନ ଅଧକ୍ଷ ଶିବ ଶଙ୍କର ଷଡଙ୍ଗୀ ବକ୍ତା ଭାବରେ ଯୋଗଦେଇ ଗୋଟାଏ ଜାତି ତା'ର ସଂସ୍କୃତି ପାଇଁ ହିଁ ପରିଚୟ ପାଇଥାଏ ବୋଲି କହିଥିଲେ। ସଭାପତି ଡ. ଦାନୀ କହିଥିଲେ ନିଜ ଭାଷା ସାହିତ୍ୟ, ପର୍ବପର୍ବାଣୀ, ନୃତ୍ୟ ସଙ୍ଗୀତ, ବେଶଭୂଷା, ହସ୍ତଶିଳ୍ପ ଓ କଳା ସ୍ଥାପତ୍ୟ ହିଁ ସଂସ୍କୃତିର ପରିଚାୟକ ହୋଇଥାଏ । ପ୍ରାରମ୍ଭରେ ସ୍କୁଲର ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମ ଶେଷରେ ଅଖିଳ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଆଇନ ଭାବେ ଲଘୁଖଣିଜ ପରିବହନ କରୁଥିବା ଦୁଇଟି ଟ୍ରକ ଜବତ

ଧର୍ମଶାଳା,୧୪/୧୨ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା କୋତପୁର ଫାଣ୍ଡି ଅଧିନ ବଜ୍ରଗିରି ପାହାଡରୁ ବେଆଇନ ଭାବେ ପରିବହନ କରୁଥିବା ଦୁଇଟି ଟ୍ରକକୁ ପୁଲିସ ଜବତ କରିଛି । ଆଜି କୋତପୁର ଫାଣ୍ଡି ପୁଲିସ ଚଢାଉ କରି ନାଳକୁଳ ଛକ ନିକଟରୁ ଓଆର- ୦୯ ଏଫ- ୦୯୭୭ ବିଶିଷ୍ଟ ଏକ ମୋରମ ବୋଝେଇ ଟ୍ରକ ଓ ରମାପୁର ଛକ ନିକଟରୁ ଓଡି-୫-କ୍ୟୁ-୩୩୪୮ ନମ୍ବର ବିଶିଷ୍ଟ ସ୍ୱଲ ବୋଝେଇ ଏକ ଟ୍ରକକୁ ଜବତ କରିବା ସହିତ ଉଭୟ ଗାଡିର ଡ୍ରାଇଭର ଓ ମୋରମବୋଝେଇ ଟ୍ରକର ହେଲପରକୁ ଅଟକ ରଖିଛି । ଏନେଇ ଧର୍ମଶାଳା ଥାନା ପୁଲିସ ୭୪୭/୨୫ ଓ ୭୪୮/୨୫ରେ ଦୁଇଗୋଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସୂଚନା ମୁତାବକ କୋତପୁର ଫାଣ୍ଡି ଅନ୍ତର୍ଗତ ବଜ୍ରଗିରି ପାହାଡରେ ବେଅନ ଖନନ ଓ ପରିବହନ ବନ୍ଦ ରହିଥିବା ବେଳେ କିଛି ଦୁର୍ବୃତ ଲାଭାଶକ୍ତ ହୋଇ ବେଅଇନ ଭାବେ ମହରମ ଓ ସ୍ୱଲ ତାଡି ଅନ୍ୟତ୍ର ଚାଲାଣ କରୁଛନ୍ତି ।

# ଆଦର୍ଶ ଶିକ୍ଷକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଲଙ୍ଗଳେଶ୍ୱର, ୧୪/୧୨ (ନି.ପ୍ର): ବାଲିଆପାଳ ବ୍ଲକ ପଞ୍ଚୁପାଲି କ୍ଲଷ୍ଟର ଅନ୍ତର୍ଗତ ଜାମ୍ବୀରାଇ ଗ୍ରାମ ପଞ୍ଚାୟତ ରେ ଥିବା ଅମୂଲ୍ୟ ଚରଣ ଉପ୍ରା ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଭଗବାନ ସାହୁଙ୍କ ର ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ରବିବାର ଆୟୋଜିତ ହୋଇଥିଲା ।ଉକ୍ତ ସଭାରେ ପୂର୍ବତନ ବିଆରସିସି ପଂଚାନନ ପ୍ରଧାନ ସଭାପତି ପଦରେ ଅଳଂକୃତ ହୋଇ ସଭା କାର୍ଯ୍ୟ ପରିଚାଳନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥ ସଂଚାଳନ କରାଯାଇ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଉକ୍ତ ସଭାକାର୍ଯ୍ୟରେ ପୂରାତନ ଛାତ୍ର ହେମନ୍ତ କୁମାର ମହାନ୍ତି ନିଜର ଅନୁଭୂତି କୁ ଅଭିଭାଷଣରେ ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବରେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିର ନାଭଡାର ରବୀନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା ଭାବରେ ନିଜର ମତ ପ୍ରଦାନ କରିଥିଲେ। ଉପେନ୍ଦ୍ର ନାରାୟଣ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକ ନେତା ପ୍ୟାରୀ ମୋହନ ବିଶ୍ୱାଳ ସମ୍ମାନିତ ଅତିଥି, ପଞ୍ଚୁପାଲି କ୍ଲଷ୍ଟରର ସିଆରସିସି ପଂଚାନନ ବେହେରା ନିଜ ଅଭିଭାଷଣ ପ୍ରଦାନ କରିଥିଲେ। ଭଗବାନ ସାହୁ ଜଣେ ଆଦର୍ଶ ଶିକ୍ଷକ ସମାଜ ସେ୍ୱୀ ତଥା ଛାତ୍ର ବତ୍ସଳ ଶିକ୍ଷକ ଭାବରେ ନିଜର ତେତିଶ ବର୍ଷର ଶିକ୍ଷକତାକୁ ଦକ୍ଷତାରସହ ସମ୍ପାଦନ କରିଥିଲେ ବୋଲି ସମସ୍ତେ ପ୍ରସଂଶା କରିଥିଲେ। ଉକ୍ତ କାର୍ଯ୍ୟକର୍ମକୁ ପୁରାତନ ଛାତ୍ର ବସନ୍ତ କୁମାର ସେନାପତି ଓ ଅନ୍ୟ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶକ୍ତିପଦ ବେହେରା, ସହକାରୀ ଶିକ୍ଷକ ଅଜୟ କୁମାର ପରିଡା, ସୁନୀଲ କୁମାର ମୁର୍ମୁ, ଦୁତିକା ବେହେରା, ବିଦ୍ୟଳୟ ପରିଚାଳନା କମିଟିର ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ସର୍ବ ଶେଷରେ ବିଦାୟୀ ଶିକ୍ଷକ ଭଗବାନ ସାହୁଙ୍କୁ ମାନପତ୍ର ଓ ଉପହାର ପ୍ରଦାନ କରାଯାଇଥିଲା

## ରାଜଧାନୀର ୧୫୦ରୁ ଅଧିକ ବାର୍ ଉପରେ ରେଡ୍

ଭୁବନେଶ୍ୱର, ୧୪/୧୨ (ନି.ପ୍ର): ସତ୍ୟବିହାର ନୋ ଲିମିଟି ଏୟାର ବାରରେ ଅଗ୍ନିକାଣ୍ଡ ପରେ ଆକ୍ସନ ମୁଡରେ ଅବକାରୀ ବିଭାଗ । ରାଜଧାନୀର ୧୫୦ରୁ ଅଧିକ ବାର ପବରେ ରେଡ କରିଛି ଅବକାରୀ ବିଭାଗ । ଭୁବନେଶ୍ୱରରେ ଥିବା ସମସ୍ତ ବାର୍ ଏବଂ ରେଷ୍ଟୁରାଂଟ ଗୁଡ଼ିକୁ ଦିଆ ଯାଇଥିବା ଗାଇଡ ଲାଇନ୍ ସଠିକ୍ ଭାବେ ପାଳନ କରାଯାଉଛି ନା ନାହିଁ ତାହାର ତଦାରଖ କରାଯାଇଛି । ୭ଟି ଟିମ୍ ଦ୍ୱାରା କରାଯାଇଥିଲା ଚଢାଉ । ଯେଉଁମାନେ ଅବକାରୀ ନିୟମ ନମାନି ଅଧିକ ବିଳମ୍ବିତ ରାତି ଯାଏ ବାର ଖୋଲିଥିଲେ ସେମାନଙ୍କୁ ଚେତାବନୀ ଦେଇଛି ଅବକାରୀ ବିଭାଗ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାଣପୁର ଥାନାରେ...

ବାଣପୁର ପୁଲିସ ମୃତ ଦେହର ଶବ ବ୍ୟବଚ୍ଛେଦ କରିବା ସହ, ଛବୀନ୍ଦ୍ରଙ୍କ ପତ୍ନୀଙ୍କ ଅଭିଯୋଗକୁ ଭିତି କରି ତଦନ୍ତ କରୁଛି । ହେଲେ କେଉଁ କାରଣରୁ ଏବଂ କିଭଳି ପରିସ୍ଥିତିରେ ଛବିନ୍ଦ୍ରଙ୍କ ମୃତ୍ୟୁ ହେଲା, ସେନେଇ ପୁଲିସ ପାଟି ବନ୍ଦ ।ଥାନାକୁ ଯାଇଥିବା ସେହି ୧୨ ଘଣ୍ଟା ଭିତରେ ଛବୀନ୍ଦ୍ରଙ୍କ ସହ କ'ଣ ଘଟିଲା ? ଥାନା ହାଜତରେ ଦିଆ ଯାଇଥିଲା କି ଥାର୍ଡଡିଗ୍ରି ? ଅଭିଯୁକ୍ତ ହୋଇଯାଇଥିଲେ ହେଲେ, କେମିତି ଶବ ହୋଇ ଫେରିଲେ ଛବୀନ୍ଦ୍ର ? ହାଜତ ମୃତ୍ୟୁ ଅଭିଯୋଗ ପରେ, ବାଣପୁର ପୁଲିସ ପାଇଁ ଅଡୁଆ ବଢିଛି । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି ।

### ଦିଲ୍ଲୀରୁ ଭକ୍ତଙ୍କ...

ସେହିପରି ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନେତୃତ୍ୱ ଉପରେ ଉପରେ ମଧ ପ୍ରଶ୍ନ ଉଠାଇଥିଲେ ମହମ୍ମଦ ମୋକିମ । ଯାହାକୁ ନେଇ ହାଇକମାଣ୍ଡଙ୍କ ସହ ଭକ୍ତ ଆଲୋଚନା କରିଛନ୍ତି । ହାତ ଭିତରେ ଚର୍ଚ୍ଚା ଖୁବଶୀଘ୍ର ହେବ ବଡ଼ କାର୍ଯ୍ୟାନୁଷ୍ଠାନ । ଭକ୍ତ ଓଡ଼ିଶା ଫେରିବାକୁ ଅପେକ୍ଷା । ଆସିବା ପରେ ଡାକି ପାରନ୍ତି ପିଏସି ବୈଠକ । ଦଳରେ ବିଶୃଙ୍ଖଳାକୁ ରୋକିବା ଏବେ ତାଙ୍କ ପାଇଁ ବଡ ଆହ୍ୱାନ ।

### କିସ୍ ପାଲଟିଛି କି ...

ଆଗରେ ଘେରାଉ କରିବା ପରେ 'କିସ'ର ଅମାନବୀୟ କାର୍ଯ୍ୟ ପଦାକୁ ଆସିଛି । ହଷ୍ଟେଲର ଗାଧୁଆଘରେ ପଡ଼ି ଶିବଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କୁ କିସ୍ କର୍ତ୍ତୃପକ୍ଷ କହି ଶବ ହସ୍ତାନ୍ତର କରିଦେଇଥିଲେ । ମାତ୍ର ପୁଅର ବେକ ଓ ଶରୀରରେ କ୍ଷତ ଚିହ୍ନ ଦେଖିବା ପରେ ହତ୍ୟା ଅଭିଯୋଗ ଆଣିଛନ୍ତି ଶିବଙ୍କ ପିତା ଓ ସମ୍ପର୍କୀୟମାନେ । କେନ୍ଦୁଝର ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ପରେ ଏ ସଂକ୍ରାନ୍ତରେ ସ୍ଥାନୀୟ ଥାନାରେ ଏକ ମାମଲା ରୁଜୁ ହୋଇ ତାକୁ ଭୁବନେଶ୍ୱରର ଇନଫୋସିଟି ଥାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଶିବଙ୍କର ମୃତ୍ୟୁ ଭୁବନେଶ୍ୱରରେ ହୋଇଥିଲେ ମଧ ତାଙ୍କର ଶବ ବ୍ୟବଚ୍ଛେଦ ନକରି କିମ୍ବା ପୁଲିସକୁ ଅବଗତ ନକରି ପରିବାର ଲୋକଙ୍କୁ ଡାକି ଶବ ହସ୍ତାନ୍ତର କରି ଚୁପ୍ ବସିଯାଇଥିଲେ କିସ୍ କର୍ତ୍ତୃପକ୍ଷ । ୬ମାସ ପୂର୍ବରୁ ଅର୍ଥାତ୍ ୨୦୨୫ ଅଗଷ୍ଟ ମାସରେ ଅନୁରୂପ ଢଙ୍ଗରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା କିସରେ ପଢୁଥିବା କେନ୍ଦୁଝର ଜିଲ୍ଲାର ଚତୁର୍ଥ ଶ୍ରେଣୀର ଆଦିବାସୀ ଛାତ୍ର ମିଳନ ଓରାମଙ୍କର । ଅଗଷ୍ଟ ୨୫ତାରିଖରେ ତାଙ୍କ ପିତା ଅଭିଯୋଗ କରିବା ପରେ ଏହି ସନ୍ଦେହଜନକ ମୃତ୍ୟୁ ମାମଲା ପଦାକୁ ଆସିଥିଲା । ମିଳନଙ୍କ ପିତା ମକରନ୍ଦ ଓରାମ ତାଙ୍କ ପୁଅକୁ ହତ୍ୟା କରାଯାଇଥିବା ନେଇ ସେବେ କେନ୍ଦୁଝର ସଦର ଥାନାରେ ଏକ ମାମଲା ରୁଜୁ କରିଥିଲେ ।

### ବିଜେପି ଓ କଂଗ୍ରେସର...

ବର୍ଦ୍ଧିତ ଦରମା ନେବି ନାହିଁ ବୋଲି କହୁଛନ୍ତି । କଂଗ୍ରେସ ବିଧାୟକ ଆହୁରି ମଧ କହିଛନ୍ତି ଯେ, ନବୀନଙ୍କ ପାଖରେ ଅପର୍ଯ୍ୟାପ୍ତ ସମ୍ପତ୍ତି ଅଛି। ସେ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ଓ ତାଙ୍କ ବାପା ମଧ ମୁଖ୍ୟମନ୍ତ୍ରୀ ଥିଲେ। ତେଣୁ ସେହି କାରଣରୁ ସେ ଦରମା ନେଇ ନ ପାରନ୍ତି। ପୂର୍ବତନ ବିଧାୟକମାନେ ଯେଉଁ ସମସ୍ୟାରେ ବଞ୍ଚୁଥିଲେ ସେମାନଙ୍କ ପାଇଁ ଏହା ଏକ ବରଦାନ ସଦୃଶ । ନବୀନ ବାବୁ ଦୋମୁହାଁ ନୀତି ନ କରି ଯାହା ସରକାର କରିଛନ୍ତି ତାକୁ ସ୍ୱାଗତ କଲେ ଭଲ ହେବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ପବିତ୍ର ସାଉଁତା । ଗୋଟିଏ ପଟେ ନବୀନ ପଟ୍ଟନାୟକ ବର୍ଦ୍ଧିତ ଦରମା ନେବି ନାହିଁ କହୁଛନ୍ତି ହେଲେ ତାଙ୍କ ଦଳ ବିଲକୁ ସମର୍ଥନ ଦେଇଛି। ତାଙ୍କ ଦଳର ନେତା କହୁଛନ୍ତି ଦରମା ବଢ଼ିବା ଠିକ୍ ହୋଇଛି। ତାଙ୍କ ଦଳ ଭିତରେ ଏହାକୁ ନେଇ ମିସ୍ କମ୍ୟୁନିକେସନ୍ ରହୁଛି ବୋଲି କହିଛନ୍ତି କଂଗ୍ରେସ ବିଧାୟକ । ସୂଚନାଯୋଗ୍ୟ, ବିଧାୟକଙ୍କର ବହୁଦିନର ଦାବି ନିକଟରେ ଶେଷ ହୋଇଥିବା ଶୀତକାଳୀନ ଅଧିବେଶନରେ ପୂରଣ ହୋଇଛି। ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି କରାଯାଇଛି। ଏକାଥରେ ଅଢ଼େଇ ଗୁଣରୁ ଅଧିକ ବଢ଼ିଛି। ପୂର୍ବତନ ବିଧାୟକଙ୍କ ପେନ୍‌ସନରେ ବି ବୃଦ୍ଧି କରାଯାଇଛି। ଏ ସଂକ୍ରାନ୍ତୀୟ ତିନିଟି ପୃଥକ୍ ବିଲ୍ ବିଧାନସଭାରେ ପାରିତ ହୋଇଛି। ୨୦୨୪ ଜୁନ୍ ମାସରୁ ଏହି ବର୍ଦ୍ଧିତ ଦରମା ଲାଗୁ ହେବ। ଏଣିକି ପ୍ରତି ପାଞ୍ଚ ବର୍ଷରେ ବିଧାୟକଙ୍କ ଦରମା ସ୍ୱାଭାବିକ ଭାବେ ବୃଦ୍ଧି ହେବ। ଆଉ ବିଧାନସଭାରେ ବିଲ୍ ଆଣିବାକୁ ପଡ଼ିବ ନାହିଁ। ଶେଷ ଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା। ୨୦୧୭ ମସିହା ସଂଶୋଧନ ପରେ ବିଧାୟକମାନେ ମୂଳଦରମା ବାବଦକୁ ମାସିକ ୩୫ ହଜାର ଟଙ୍କା ପାଉଥିଲେ। ତେବେ ଭତ୍ତା ମିଶାଇଲେ ତାହା ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ହେଉଥିଲା। ଏବେ ସଂଶୋଧନ କରାଯାଇ ମୂଳ ଦରମାକୁ ମାସିକ ୯୦ ହଜାର ଟଙ୍କା କରାଯାଇଛି। ଅନ୍ୟାନ୍ୟ ଭତ୍ତା ମିଶାଇଲେ ମାସିକ ମୋଟ୍ ୩.୪୫ ଲକ୍ଷ ଟଙ୍କା ମିଳିବ। ଏହା ବାଦ୍ ସେମାନେ ବିଧାନସଭା ଅଧିବେଶନ ଓ ଷ୍ଟାଣ୍ଡିଂ କମିଟି ବୈଠକରେ ଯୋଗ ଦେବା ପାଇଁ ସିଟିଂ ଆଲାଉନ୍ସ ମଧ ପାଇବେ। ଭତ୍ତା ମଧରେ ଅଛି ନିର୍ବାଚନମଣ୍ଡଳୀ ଭତ୍ତା ୭୫ ହଜାର, ଯାତାୟାତ ଭତ୍ତା ୫୦ ହଜାର, ପତ୍ରପତ୍ରିକା ପାଇଁ ୧୦ ହଜାର, ବିଦ୍ୟୁତ୍ ବିଲ୍ ୨୦ ହଜାର, ବ୍ୟକ୍ତିଗତ ଗସ୍ତ ଭତ୍ତା ୫୦ ହଜାର, ଚିକିତ୍ସା ଭତ୍ତା ୩୫ ହଜାର ଓ ଟେଲିଫୋନ୍ ଭତ୍ତା ୧୫ ହଜାର।

### 'ଆତଙ୍କବାଦ ପ୍ରତି ଶୂନ ସହନଶୀଳତା...

ପ୍ରାଣ ହରାଇଛନ୍ତି ଓ ଦୁଇ ଜଣ ଆତଙ୍କବାଦୀଙ୍କ ମଧରୁ ଜଣେ ପୁଲିସ ଗୁଳିରେ ପ୍ରାଣ ହରାଇଛି ଓ ଅନ୍ୟ ଜଣକ ଗିରଫ ହୋଇଛି । ମୃତ ଆତଙ୍କବାଦୀର ନାଁ ନାଭିଦ୍ ଆକ୍ରାମ ଓ ତା ବୟସ ୨୪ ବର୍ଷ ବୋଲି କୁହାଯାଉଛି।। ସେ ସିଡନିର ବାସିନ୍ଦା ଥିଲା । ତା ଘର ଉପରେ ଏବେ ପୁଲିସ ପହଞ୍ଚି ଯାଞ୍ଚ ଚଳାଇଛି । ସିଡନୀ ମର୍ଣ୍ଣିଂ ହେରାଲ୍ଡ ଆକ୍ରାମର ଏକ ଫଟୋ ସେୟାର କରିଛି।

### ସତ୍ୟର ସହ ...

ଉପରେ କଂଗ୍ରେସ ପକ୍ଷରୁ ଆୟୋଜିତ ଏକ ରାଲିରେ ରାହୁଲ ଆରଏସଏସ ଏବଂ ମୋଦୀ ସରକାରଙ୍କ ଉପରେ କଠୋର ଆକ୍ରମଣ କରିଥିଲେ। ସେ କହିଥିଲେ ଯେ ସତ୍ୟ ଏବଂ କ୍ଷମତା ମଧରେ ଯୁଦ୍ଧ ଚାଲିଛି। ଗାନ୍ଧୀଜୀ କହିଥିଲେ ଯେ ସତ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତଥାପି, ଆରଏସଏସ ବିଶ୍ୱାସ କରେ ଯେ ସତ୍ୟ ନୁହେଁ, ଶକ୍ତି ହିଁ ଗୁରୁତ୍ୱପୂର୍ଣ୍ଣ। ରାହୁଲ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମୋହନ ଭାଗବତଙ୍କ ଦ୍ୱାରା ଦିଆଯାଇଥିବା ଏକ ବକ୍ତବ୍ୟକୁ ଉଦ୍ଧୃତ କରିଥିଲେ। କଂଗ୍ରେସ ସାଂସଦ କହିଛନ୍ତି ଯେ ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜରେ ମୋହନ ଭାଗବତ କହିଥିଲେ, 'ବିଶ୍ୱ ସତ୍ୟକୁ ନୁହେଁ, ଶକ୍ତିକୁ ଦେଖେ। ଯାହାର ପାଖରେ ଶକ୍ତି ଅଛି ସେ ସମ୍ମାନ ପାଏ।' ରାହୁଲ କହିଥିଲେ ଯେ ଏହା ମୋହନ ଭାଗବତଙ୍କ ଚିନ୍ତାଧାରା। ଏହା ଆରଏସଏସର ବିଚାରଧାରା। ବିଶ୍ୱର ପ୍ରତ୍ୟେକ ଧର୍ମ ବିଶ୍ୱାସ କରେ ଯେ ସତ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଭାଗବତ କୁହନ୍ତି ଯେ ସତ୍ୟ ଆବଶ୍ୟକ ନୁହେଁ; ଶକ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାହୁଲ ଗାନ୍ଧୀ କହିଛନ୍ତି ଯେ ଆମର ଧର୍ମ କହେ 'ସତ୍ୟମ ଶିବମ ସୁନ୍ଦରମ', ଅର୍ଥାତ୍ ସତ୍ୟକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ଏହି ଦେଶ ସତ୍ୟର। ଏହି ଦେଶର ଲୋକମାନେ ସତ୍ୟକୁ ବୁଝନ୍ତି ଏବଂ ଏଥିପାଇଁ ଲଢ଼ନ୍ତି। କିନ୍ତୁ ସଂଘ ପାଇଁ, ସତ୍ୟ ଅପେକ୍ଷା କ୍ଷମତା ଅଧିକ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ମୁଁ ଆପଣଙ୍କୁ ଗ୍ୟାରେଣ୍ଟି ଦେଉଛି ଯେ ସତ୍ୟ ସହିତ ଆମେ ନରେନ୍ଦ୍ର ମୋଦୀ, ଅମିତ ଶାହ ଏବଂ ଆରଏସଏସର ସରକାରକୁ କ୍ଷମତାରୁ ହଟାଇବୁ।

# ପ୍ରତିଭା ପରିବାର ଆନୁକୂଲ୍ୟରେ ବ୍ଲକସ୍ତରୀୟ ମେଧା ପ୍ରତିଯୋଗିତା: ଅଂଶ ଗ୍ରହଣ କଲେ ୫ଶହ ପ୍ରତିଯୋଗୀ



ଖଇରା, ୧୪/୧୨ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ର ସର୍ବ ବୃହତ ପୂଜ୍ୟପୂଜା ସଙ୍ଗଠନ ପ୍ରତିବାର ପରିବାର ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ମେଧା ପ୍ରତିଯୋଗିତା ଖଇରା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ବରିଷ୍ଠ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଶଶିକାନ୍ତ ପଣ୍ଡା ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ସଭାପତି ବସନ୍ତ କୁମାର ଖିଲାର ଓ ସମ୍ପାଦକ ରଘୁନାଥ ପତ୍ରୀ ଉପସ୍ଥିତ ଥିଲେ । ଜୁନିଅର ଓ ସିନିୟର ସ୍ତରରେ ବକ୍ତୃତା, ଗଳ୍ପ ଲିଖନ, ବୁଦ୍ଧି ପରୀକ୍ଷା, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ୪୮୫ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ବିମନ ବାରିକ, ଶଶିକାନ୍ତ ଦାସ, ସୁରମା ପାଣି, ସଙ୍କର୍ଷଣ ପଣ୍ଡା, ବୁଦ୍ଧିରାମ ପାଣିଗ୍ରାହୀ, ସୁଦର୍ଶନ ପାଣିଗ୍ରାହୀ, ପ୍ରଶାନ୍ତ ଦାସ, ଡା ପ୍ରଭାକର ପଣ୍ଡା, ଡା ହରେକୃଷ୍ଣ ରାଉତ, ଶ୍ୟାମସୁନ୍ଦର ପଣ୍ଡା, ନିର୍ମଳ କୁମାର ଦାସ, ବିମଳେନ୍ଦୁ ଜେନା, କୁଞ୍ଜଲତା ମାହୁନ୍ତ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତା ବାର୍ଷିକୋତ୍ସବରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବ ।

# ରଘୁନାଥ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବୈଶିଙ୍ଗା, ୧୪/୧୨ (ନି.ପ୍ର): ବେତନଟୀ ବ୍ଲକ୍ ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇ ଯାଇଛି। ଦୁଇ ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଏହି କ୍ରୀଡା ଉତ୍ସବକୁ ଅଁଳା ଗ୍ରାମ ପଞ୍ଚାୟତ ର ମାନନୀୟା ସରପଞ୍ଚ ଶ୍ରୀମତୀ ସ୍ୱପ୍ନା ସିଂ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ରିଡ଼ା ଉତ୍ସବ ର ପତାକା ଉତ୍ତୋଳନ ପୂର୍ବକ ଉତ୍ସବକୁ ଉଦଘାଟନ କରି ଏକ ଚିତ୍ତାକର୍ଷକ ମିଳିତ ପ୍ୟାରେଡ ରେ ଅଭିବାଦନ ଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜକିଶୋର ଦାସ, ପ୍ରଫୁଲ୍ଲ କୁମାର ମିଶ୍ର, ନିରଞ୍ଜନ ବାରିକ୍, ବଂଶୀଧର ଗିରି ଅତିଥି ଭାବରେ ଯୋଗଦେଇ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ରକ୍ଷା ତଥା ଦୈନନ୍ଦିନ ଜୀବନରେ କ୍ରୀଡାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଶପଥ ପାଠ ପରେ ବିଭିନ୍ନ ବିଭାଗରେ ଛାତ୍ର ଛାତ୍ରୀ ମାନେ ନିଜ ନିଜର କ୍ରିଡ଼ା ନୈପୁଣ୍ୟତା ପ୍ରଦର୍ଶନ କରି ଥିଲେ। ବିଦ୍ୟାଳୟର ଦୁଇଶହ ପଚାଶ ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଏହି ବାର୍ଷିକ କାର୍ଯ୍ୟକ୍ରମ କୁ ଶିକ୍ଷକ ହରେକୃଷ୍ଣ ମହାନ୍ତ, ତରିଣୀ କାନ୍ତ ମହାନ୍ତ, ଶୁଭବନ୍ତନାୟକ ଓ ଶୁଭାଶିଷ ପଣ୍ଡା ପରିଚାଳନା କରୁଛନ୍ତି।

# ଜାତୀୟସ୍ତରୀୟ ମହାରାଜା ସେଭେନ୍ସ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ବାରିପଦା , ୧୪/୧୨ (ନି.ପ୍ର): ମୟୁରଭଞ୍ଜ ଫାଉଣ୍ଡେସନ, ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ଓ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀର ମିଳିତ ଆନୁକୂଲ୍ୟରେ ତଥା ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସହଯୋଗରେ ଜାତୀୟ ସ୍ତରୀୟ ମହାରାଜା ସେଭେନସ ରଗବୀ ଟୁର୍ଣ୍ଣାମେଣ୍ଟ ବାରିପଦା ଷ୍ଟାଡିୟମ ପଡିଆରେ ଉଦଯାପିତ ହୋଇଯାଇଛି ଓ ପ୍ରଥମ ଥର ପାଇଁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ସ୍ମୃତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବିଭାଗରେ ୯ଟି ଦଳ ଅଂଶଗ୍ରହଣ କରିଥିବା ବେଳେ କୋଲକାତାର ଫିଉଚର ହୋପ ହାରିକୁଇନ୍ସ ଚମ୍ପିୟାନ ହୋଇଥିବା ବେଳେ ମୟୁରଭଞ୍ଜ, ଓଡିଶାର ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ରନର୍ସ ଅପ ଏବଂ ମହିଳା ବିଭାଗରେ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ମୟୁରଭଞ୍ଜ, ଓଡିଶା ର ଫିଉଚର ଷ୍ଟାର ସ୍ପୋର୍ଟସ ଏକାଡେମୀ ଚମ୍ପିୟାନ, କୋଲକାତା ର ଫିଉଚର ହୋପ ହାରିକୁଇନ୍ସ ରନର୍ସ ଅପ ହୋଇ ପୁରସ୍କୃତ ହୋଇଥିଲେ ଓ ଚମ୍ପିୟାନ ଦଳକୁ ୫୦ ହଜାର ପ୍ରୋତ୍ସାହନ ରାଶି ସହ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୩୦ ହଜାର ପ୍ରୋତ୍ସାହନ ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା ଓ ଫାଉଣ୍ଡେସନର ଅଧକ୍ଷା ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ପୁରସ୍କାର ବିତରଣ କରିବା ସହ ଖେଳାଳି ମାନଙ୍କୁ ଉଦ୍ଦେଶ୍ୟରେ କହିଥିଲେ ଯେ ରଗବୀ ଏକ କୌଶଳ ଓ ଦ୍ରୁତଗତି ଦକ୍ଷତାର ଖେଳ ଓ ଅନ୍ୟ ମାନଙ୍କ ମଧରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସକ୍ଷରସକଣା ବିଧାୟକ ଭାଦବ ହାଁସଦା, ବଡ଼ସାହି ବିଧାୟକ ସନାତନ ବିଜୁଳି, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲାପାଳ ହେମକାନ୍ତ ସୟ, ଆର ସି ସି ଏଫ ପ୍ରକାଶ ଚାନ୍ଦ ଗୋଗିନାନି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଓ ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ ଫୁଟବଲ ସମ୍ପାଦକ ଅମର କୁମାର ସେଠୀ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସହଯୋଗ କରିଥିବା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଓ ଜିଲ୍ଲା କ୍ରୀଡା ଅଧିକାରୀ ଡଃ ସୁଭାଶିଷ ନାୟକ, ସହ ଆୟୋଜକ ଦିବ୍ୟ ରଞ୍ଜନ ଦାସ, ବିଭୁଦତ୍ତ ଦାସ ଓ ମଙ୍ଗଳ ହାଁସଦାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସୋମନାଥ ସିଂହ ମଞ୍ଚ ପରିଚାଳନା କରିଥିଲେ ଓ ଏହି ଅବସରରେ ପୂର୍ବତନ ଜାତୀୟ ଖେଳାଳି, ସମସ୍ତ ରେଫେରୀ, ପ୍ରଯୋଜକ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# କୁଳଡିହାରେ ଥମୁନି ଜନ୍ତୁ ଶିକାର: ପୁଣି ୩ ଶିକାରୀ ଗିରଫ



ନୀଳଗିରି , ୧୪/୧୨ (ନି.ପ୍ର): କୁଲଡ଼ିହା ଅଭୟାରଣ୍ୟରୁ ଲୋପ ପାଇଯିବେକି ବନ୍ୟପ୍ରାଣୀ। ଦୈନନ୍ଦିନ ଶିକାରୀ ଗିରଫ, ହାତୀ ମଡକ, ହାତୀଦାନ୍ତ ଚୋରାଚାଲାଣ, ବନ୍ୟଜନ୍ତୁ ଶିକାରଭଳି ଘଟଣା ଖବରର ଶିରୋନାମା ପାଲଟିଥିବା ବେଳେ ଯେମିତି କୁଳଡିହାକୁ କାହାର କୁନଜର ଲାଗିଯାଇଛି। ଗତ ଶନିବାର ୩ଶିକାରୀ ଗିରଫ ସହିତ ୫ଦେଶୀବନ୍ଧୁକ ଜବତ କରାଯାଇଥିବା ବେଳେ ପୁଣି ଆଜି ଗୋଟିଏ ଦେଶୀବନ୍ଧୁକ ସହ ୩ଜଣ ଶିକାରୀ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ଦୁଇଟି ନୀରିହ ବନ୍ୟଜୀବଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅଧୀନରେ ଶ୍ୟାମସୁନ୍ଦରପୁର ଅଞ୍ଚଳର କଟି ସିଂ(୩୭), ମଙ୍ଗଳ ସିଂ(୪୦) ଏବଂ କଣ୍ଟାବଣିଆ ଅଞ୍ଚଳର ନାଥ ସିଂ(୪୭) ନାମକ ତିନିଜଣ ଶିକାରୀ ଜଙ୍ଗଲ ମଧରେ ଅବାଧରେ ପ୍ରବେଶକରି ଗୋଟିଏ ଝିଙ୍କ ଏବଂ ଗୋଟିଏ କୁଟୁରା ଶିକାରକରିଥିବା କୁଲଡିହା ବନବିଭାଗ ଖବରପାଇ ସେମାନଙ୍କୁ ଗିରଫକରିବା ସହିତ ସେମାନଙ୍କ ନିକଟରୁ ଏକ ଦେଶୀବନ୍ଧୁକ ସହିତ କିଛି ବାରୁଦ ଜବତକରି ସମସ୍ତ ଅଭିଯୁକ୍ତ ଶିକାରୀଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯିବା ସହ ଅଧିକତଦନ୍ତ ଜାରି ରହିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବାରମ୍ବାର ଅଭୟାରଣ୍ୟ ମଧକୁ ଶିକାରୀ ପ୍ରବେଶକରିବା କଉଠି ନା କେଉଁଠି ବିଭାଗର ପାରିବାପଣିଆକୁ ପରିବେଶପ୍ରେମୀ ସନ୍ଦେହ ଚକ୍ଷୁରେ ଦେଖିଛନ୍ତି।

# ପି.ଏମ.ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ଲାଟିନମ ଜୁବୁଲିର ପ୍ରସ୍ତୁତି ପାଇଁ ସାମ୍ବାଦିକ ସମ୍ମିଳନୀ




ଜଳେଶ୍ୱର, ୧୪/୧୨ (ନି.ପ୍ର): ୧୯୫୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ଜଳେଶ୍ୱର ନୁଆବଜାର ସ୍ଥିତ ପି.ଏମ.ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ ଜୁବୁଲି ପାଇଁ ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପରିଚାଳନା କମିଟିର ମିଳିତ ସହଯୋଗରେ ଆଜି ଦିନ ୧୧ ଘଟିକା ସମୟରେ ପି.ଏମ.ଶ୍ରୀ ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ପୁରାତନ ଛାତ୍ର ସଂସଦର ସଭାପତି ଗବେଷକ ଡ.ଶ୍ରୀକାନ୍ତ ଚରଣ ପାତ୍ର ଓ ପ୍ଲାଟିନମ ଯୁବୁଲି କମିଟିର ସଭାପତି ଡ.ଈଶ୍ୱର ଚନ୍ଦ୍ର ଜେନାଙ୍କ ମିଳିତ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମ୍ୟୁନିସିପାଲଟିର ଅଧକ୍ଷ ପ୍ରଦିପ କୁମାର ପ୍ରଧାନ, ସ୍କୁଲ କମିଟିର ସଭାପତି ଜୟନାରାୟଣ ଦାସ, ଅଭ୍ୟର୍ଥନା କମିଟିର ସଭାପତି ପ୍ରଫୁଲ୍ଲ ପାଠୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ଚରଣ ଜେନା ଅତିଥି ଭାବେ ଯୋଗ ଦେଇ ଡ଼ିସେମ୍ବର ମାସରେ ଯେଉଁ ପ୍ଲାଟିନମ ଯୁବୁଲି ହେବାର ଥିଲା ତାହା କିଛି କାରଣ ବଶତଃ ୨୦୨୬ ମସିହା ଜାନୁଆରୀ ମାସ ୧୦ ତାରିଖରୁ ୨୦ ତାରିଖ ଭିତରେ ମହାମହିମ ରାଜ୍ୟପାଳଙ୍କ ଆସିବା ତାରିଖକୁ ନେଇ ଫାଇନାଲ କରାଯିବ ବୋଲି ବକ୍ତବ୍ୟ ରେ କହିଥିଲେ।୧୯୫୦ ମସିହାରେ ପ୍ରତିଷ୍ଠିତ ହୋଇଥିବା ବିଦ୍ୟାଳୟର ୭୫ ବର୍ଷ ଧରି ଯେତେ ଛାତ୍ର ଛାତ୍ରୀ ଅଧ୍ୟୟନ କରି ଉତ୍ତୀର୍ଣ୍ଣ ହୋଇ ଯାଇଛନ୍ତି ସମସ୍ତେ କିପରି ଏହି ପ୍ଲାଟିନମ ଯୁବୁଲିରେ ଯୋଗଦେବେ ସେଥିପାଇଁ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ପରସ୍ପରକୁ ଫୋନ୍ ଯୋଗେ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।ତା ସହିତ ଅର୍ଥ ଆବଶ୍ୟକତା ରହି ଥିବାରୁ ଜଳେଶ୍ୱର ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାର ଖାତା ନମ୍ବର ୫୪୯୨୧ ୦୨୧୦୦୦୦୧୫୩ ଆଇ ଏଫ୍ ଏସ ସି କୋଡ ନମ୍ବର ଇକଓଉ୦୦୦୫୪୯୨ ରେ ଅର୍ଥ ପ୍ରଦାନ ପାଇଁ ମଧ ନିବେଦନ କରିଥିଲେ।ଏହି ସାମ୍ବାଦିକ ସମ୍ମିଳନୀରେ ଶିଶିର କୁମାର ହୋଇ, ଜିତାନସୁ ଶେଖର ନନ୍ଦୀ, ଦିଲ୍ଲୀପ କୁମାର ଗିରି, ଇଂଜିନିୟର ରାମଚନ୍ଦ୍ର ସାହୁ, ଡ଼ାକ୍ତର ଅରୁଣ କୁମାର ପ୍ରଧାନ, ସୁଦର୍ଶନ ପ୍ରଧାନ, ସମରେଶ ଦିନ୍ଦା, ବିକାଶ ଧର, ରାଜେଶ ଖଟୁଆ, ଦେବବ୍ରତ ଦାସ, ପୁର୍ଣ୍ଣଚନ୍ଦ୍ର ଭୂୟାଁ, ଭରତ ଦତ୍ତ, କୁମାରକୃଷ୍ଣ କର, ଅଶୋକ କୁମାର ଦାସ, ଲକ୍ଷ୍ମୀନାରାୟଣ ଜେନା, ରାଜେନ୍ଦ୍ର ପାଣିଗ୍ରାହୀ, ଡ.ଅଜିତ କୁମାର ମହାନ୍ତି, ସୁନିଲ କୁମାର ନାୟକ, ଗିରିଶ ଚନ୍ଦ୍ର ପାଣିଗ୍ରାହୀ, ରାକେଶ ବେହେରା, ରାଜେଶ୍ କୁମାର ରାଜ, ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ ପୁରାତନ ଛାତ୍ର ସଂସଦ ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

ସୋମବାର, ଡିସେମ୍ବର ୧୫, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା: ୭୫ ବିଭାଗରେ ୪୪୨ ପ୍ରତିଯୋଗୀ ଭାଗ ନେଲେ

ଭଦ୍ରକ, ୧୪/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ଆଥ୍ଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଭଦ୍ରକ କଲେଜ ପଡ଼ିଆରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଜି ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତରେ ଜିଲ୍ଲାର ୭ଟି ବ୍ଲକ ସ୍ତରରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ କ୍ଲବ୍ ସ୍ତରର ୧୪, ୧୬, ୧୮, ୨୦, ୨୩ ବର୍ଷରୁ କମ୍ ବର୍ଗର ବାଳକ ବାଳିକା ଉଭୟ ଜୁନିଆର୍ ଓ ସିନିୟର୍ ବିଭାଗରେ ମିଶି ମୋଟ ୪୪୨ ଜଣ ପ୍ରତିଯୋଗୀ ୭୫ ଗୋଟି ବିଭାଗରେ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାକୁ ଭଦ୍ରକ ଜିଲ୍ଲାପାଳ ତଥା ଆଥ୍ଲେଟିକ୍ ଆସୋସିଏସନ୍ର ସଭାପତି ଦିଲୀପ ରାଉତରାଏ ଉଦ୍ଘାଟନ କରିଥିଲେ। ଉଦ୍ଘାଟନୀ ଉତ୍ସବରେ ଆସୋସିଏସନର ସମ୍ପାଦକ ଧୀରେନ ପଲାଇ, ବରେଣ୍ୟ ଅତିଥି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଦୁର୍ଗା ଶଙ୍କର ଦାସ, କ୍ରୀଡ଼ା ସ୍ୱତନ୍ତ୍ର ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି, ଆସୋସିଏସନ୍ର ସହସମ୍ପାଦକ ଅତିସ୍ କୁମାର ବେହେରା, କୋଷାଧକ୍ଷ ବ୍ୟୋମକେଶ ସେନାପତି, ସଦସ୍ୟ ଭବତୋଷ ଦାସ, ରବିନାରାୟଣ ପାଣିଗ୍ରାହୀ, ବେଦ ପ୍ରକାଶ ଗୁପ୍ତା, ସଞ୍ଜିବ ଦାସ, ରବିନାରାୟଣ ଓଝା, ମନୋଜ ସାହୁ, ସୁଶିଲ ପଟ୍ଟନାୟକ, ବାଇଧର ମହାକୁଡ଼, ଲକ୍ଷ୍ମଣ ବାରିକ, ଯଦବୀର ପ୍ରତାପରାୟ ପ୍ରମୁଖ ଯୋଗ ଦେଇଥିଲେ। ଅତିସ୍ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଘାଟନୀ ସଭାରେ ଜିଲ୍ଲର ବରିଷ୍ଠ ପର୍ବତାରୋହୀ ବିଜୟ କୁମାର ଗୁପ୍ତା, ବକ୍ସର କମଳାକାନ୍ତ ସାହୁ, ରେସ୍ଲର୍ ଶିବପ୍ରସାଦ ରାୟ, ଜାତୀୟ ସ୍ତରର ଫୁଟ୍ବଲ ଖେଳାଳୀ ଇପ୍ସିତା ରାଉତ, ଜାତୀୟ ସ୍ତରର ଆଥ୍ଲେଟିକ୍ ହରିଶଙ୍କର ପାଣିଗ୍ରାହୀ, ଜାତୀୟ ସ୍ତରର ସାଇକ୍ଲିଷ୍ଟ୍ ସସ୍ମିତା ପଣ୍ଡା, ରାଜ୍ୟସ୍ତରୀୟ ସାଇକ୍ଲିଷ୍ଟ୍ ହର୍ଷିର୍ତ୍ ନାୟକ, ସତ୍ୟଜିତ୍ ଘୋଛାୟତ, ସଚିନ ଜେନା, ଅନୁସୟା ନନ୍ଦୀ, ସୂର୍ଯ୍ୟକାନ୍ତ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା।

## ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ 'ଭାଗବତ ବିଚାର' ପୁସ୍ତକ ଉନ୍ମୋଚିତ



ପୁରୀ/ନୀଳଗିରି, ୧୪/୧୨ (ନି.ପ୍ର): ଭାଗବତ ଜନ ଜୀବନର ବେଦ । ଭକ୍ତିଭାବ ଉଦୟହେଲେ ଭକ୍ତର ଜୀବନ ରସମୟ ହୋଇଉଠେ । ସନାତନ ଧର୍ମ ପରମ୍ପରାରେ ଜଗନ୍ନାଥଦାସଙ୍କ କୃତ ଭାଗବତ ଘରେଘରେ ପାଠ ହେବାର ନିଶ୍ଚିତ ଆବଶ୍ୟକତା ଅଛିବୋଲି ଆଜି ଶ୍ରୀକ୍ଷେତ୍ର ପୁରୀର ସିଦ୍ଧ ବକୁଳ ମଠରେ ଅଧ୍ୟାପକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ଭାଗବତ ବିଚାର ଲୋକାର୍ପଣରେ ଅତିଥିଗଣ ମତବ୍ୟକ୍ତ କରିଛନ୍ତି । ଆଜିର ପରମଶାସ୍ତ୍ର ଭାଗବତ, ଓଡିଶା ଗ୍ରୁପର ବାର୍ଷିକ ସମାରୋହ ଉତ୍ସବରେ ଅତିଥି ଭାବରେ ଶ୍ରୀମନ୍ଦିର ଛତିଶା ନିଯୋଗର ନାୟକ ଶ୍ରୀ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ଓଡ଼ିଶାର ଯଶସ୍ୱୀ ପ୍ରବକ୍ତା ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ, ଓ ଟିଭିର ଧାରାବାହିକ ରଥଯାତ୍ରାର ଘୋଷକ ପଣ୍ଡିତ ଶୁକଦେବ ମହାନ୍ତି, ମଠର ମଠାଧୀଶ ଶ୍ରୀ ଶ୍ରୀନିବାସ ମହାରାଜ, ଢେଙ୍କାନାଳର ପ୍ରବକ୍ତା ପ୍ରତାପ କିଶୋର ନନ୍ଦ, ପୁସ୍ତକର ପ୍ରକାଶକ କବି ଡ. କାଳୀପଦ ପଣ୍ଡା, ଗଞ୍ଜାମରୁ ପ୍ରବକ୍ତା ବିଜୟ କୁମାର ପାଢ଼ୀ, ପୁରୀରୁ ପ୍ରବକ୍ତା ଦୟାନିଧି ତ୍ରିପାଠୀ, ଯାଜପୁରରୁ ପଣ୍ଡିତ ସଂଗ୍ରାମ କେଶରୀ ବଳ, ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ, ଆଠମଲ୍ଲିକରୁ ବିଦୁଷୀ କିରଣବାଳା ହୋତା, କଟକରୁ ପଣ୍ଡିତ ଗୋପାଳକୃଷ୍ଣ ସେନାପତି, ଆଠଗଡରୁ କୁମାର ମିଟୁ, ଯାଜପୁରରୁ ପ୍ରଭାତ ଜେନା ପ୍ରମୁଖ ଯୋଗଦାନକରି ଏପରି ତତ୍ତ୍ୱଭିତ୍ତିକ ପୁସ୍ତକର ଲୋକାର୍ପଣ କରିଥିଲେ । ପ୍ରାରମ୍ଭରେ ଡ. ମିଶ୍ର ମଞ୍ଚ ଆହ୍ୱାନ, ବେଦପାଠ ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଢେଙ୍କାନାଳର ପଣ୍ଡିତ ପ୍ରତାପ କିଶୋର ନନ୍ଦ ସଭାପତିତ୍ୱ କରିଥିଲେ । ଶେଷରେ ଏପରି ପୁସ୍ତକ ସମାଜ ପାଇଁ ଆବଶ୍ୟକତା ଅଛିବୋଲି ଅତିଥି ମାନେ ମତବ୍ୟକ୍ତ କରିବାସହ କୁମାର ମିଟୁ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ରରେ ବିଶାଳ ଚକ୍ଷୁ ଚିକିତ୍ସା ଶିବିର



ବୈଶିଙ୍ଗା , ୧୪/୧୨ (ନି.ପ୍ର): ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା କେନ୍ଦ୍ର ବିଜିପୁର, ମାନଗୋବିନ୍ଦପୁର ଠାରେ ବିଶାଳ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଥିଲା, ଏଥିରେ ୯୫ ଜଣ ଗରିବ ଗ୍ରାମୀଣ ଲୋକ ମାନଙ୍କର ମାଗଣା ଆଖି ପରୀକ୍ଷା କରାଯିବା ସହିତ ୧୫ ଜଣ ରୋଗୀଙ୍କୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯାଇଥିଲା। ଏବଂ ୧୦୦ ଜଣ ଗରିବ, ଅସହାୟ, ଲୋକମାନଙ୍କୁ ଅସହ୍ୟ ଶୀତ ଲହରୀ ପାଇଁ ପରେଶ ଦଳେଇ, ଦେବବ୍ରତ ରଥ, ନୀଳମାଧବ ବସ୍ ର ମାଲିକ ଯୋଗେଶ୍ୱର ମିଶ୍ର ଙ୍କ ଦ୍ୱାରା ପୁଣିଥରେ କମ୍ବଳ ବଣ୍ଟନ କରାଯାଇଥିଲା।ବହୁ ଦୂରଦୁରାନ୍ତରୁ ଆସିଥିବା ବୁଢ଼ାବୁଢ଼ୀ ମାନଙ୍କୁ ସକାଳ ଚା ବିସ୍କୁଟ ଏବଂ ଲଡୁ ବଣ୍ଟନ କରାଯାଇଥିଲା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ଡାକ୍ତର କିଶୋର ଚନ୍ଦ୍ର ମହାପାତ୍ର ଏବଂ ସର୍ବେଶ୍ୱର ଜେନା ଙ୍କ ସହିତ ସମସ୍ତ ପୁରୁଷ, ମହିଳା କର୍ମକର୍ତ୍ତା ଉପସ୍ଥିତ ଥିଲେ। ନିୟମିତ ଭାବେ ବହୁ ସେବା ମୂଳକ ଜନ କଲ୍ୟାଣ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନରେ ଶ୍ରୀମା ଶ୍ରୀଅରବିନ୍ଦ ଯୋଗ ସାଧନା ଅନୁଷ୍ଠାନଟି ବଡ଼ସାହି ବ୍ଲକ ସ୍ତରରେ ଅଗ୍ରଣୀ ଭୂମିକା ନେଇ ଆଗେଇ ଚାଲିଛି। ଏଥିପାଇଁ ଜନସାଧାରଣ ଙ୍କ ଆସ୍ଥା ଓ ବିଶ୍ୱାସ ବଢ଼ିଚାଲିଛି। ଆଗାମୀ ଦିନରେ ଅନେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଏଥିମଧ୍ୟରୁ ବାର୍ଷିକ ଉତ୍ସବ ତଥା ବନ୍ଧୁମିଳନ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନ ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି ବୋଲି ସଭାପତି ଏବଂ ସମ୍ପାଦକ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଜଣାଇଛନ୍ତି। ଲୋକ ମାନଙ୍କୁ ସେବା ପ୍ରଦାନ ଏହି ଅନୁଷ୍ଠାନ ପ୍ରାଥମିକତା ହେଉ ବୋଲି ଆସିଥିବା ବହୁ ଗଣ୍ୟମାନ୍ୟ ବ୍ୟକ୍ତି ପ୍ରଶଂସା ସହିତ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ।

## ବିଜେବି ଉଚ୍ଚ ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ ଦିବସ ପାଳିତ




ଖୋର୍ଦ୍ଧା, ୧୪/୧୨ (ନି.ପ୍ର): ଦିନ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ବିଦ୍ୟାଳୟର ଏନସିସି, ସ୍କାଉଟ ଆଦି ପିଲାମାନଙ୍କ ଦ୍ୱାରା ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା।ଏହା ପରେ ବିଦ୍ୟାଳୟରେ ଏହି ଦିବସ ଉପଲକ୍ଷେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିଭୁ ପ୍ରସାଦ ସେନାପତି, ଆଜିର ସମୟରେ କିପରି ବହୁ ପରିମାଣରେ ଶକ୍ତିର ଅପଚୟ ହେଉଛି ଏବଂ କିପରି ଏହାର ସଂରକ୍ଷଣ କରାଯାଇ ପାରିବ, ସେ ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ ଓ ଶ୍ରୀରାମ ଭୂୟାଁ ଏହି ଦିବସ ପାଳନର ଉଦ୍ଦେଶ୍ୟ ବିଷୟରେ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏତଦବ୍ୟତୀତ ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ଦିବସ ଉତ୍ସବରେ ବିଦ୍ୟାଳୟର ଛାତ୍ର ସିଦ୍ଧି ଶେଖର ଛୋଟରାୟ ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ଶକ୍ତି ସଂରକ୍ଷଣ ସମ୍ବଧୀୟ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।ବିଦ୍ୟାଳୟର ଛାତ୍ରୀ ସୁଭସ୍ମିତା ତ୍ରିପାଠୀ ଖୋର୍ଦ୍ଧା ଜିଲ୍ଲା ତରଫରୁ ରାଜ୍ୟ ସ୍ତରୀୟ ଶକ୍ତି ସଂରକ୍ଷଣ ମଡେଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତାଙ୍କର ମଡେଲଟି ବିଚାରକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା।ଶକ୍ତି ସଂରକ୍ଷଣ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଦେହାନ୍ତ



ଔପଦା, ୧୪/୧୨ (ନି.ପ୍ର): ଔପଦା ବ୍ଲକ ଫତେପୁର ପଂଚାୟତ ହରିହରପୁର ଶାସନର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୟାଧର ପଣ୍ଡାଙ୍କର ୯୭ ବର୍ଷ ବୟସରେ ଦେହାନ୍ତ ଘଟିଛି । ସେ ଜଣେ ମିଷ୍ଟଭାଷୀ, ଛାତ୍ର ବତ୍ସଳ, ପରୋପକାରୀ ମଣିଷ ଥିଲେ । ତାଙ୍କ ମୃତ୍ୟୁରେ ସମ୍ପୃକ୍ତ ଅଚଳରେ ଶୋକାର ଛାୟା ଖେଳି ଯାଇଛି । ତାଙ୍କର ବିଧବା ପତ୍ନୀ ସହିତ ୫ପୁଅ ୩ଝିଅ ଅଛନ୍ତି ।

## କେହି ଶୁଣିଲେ ନାହିଁ ଗୁହାରି: ସାମାଜିକ ସୁରକ୍ଷାରୁ ବଂଚିତ ୮୦ ବର୍ଷ ବୟସ୍କ ମହିଳା



ଉଦଳା, ୧୪/୧୨ (ନି.ପ୍ର): ଯେ ହେଉଛି ମୟୂରଭଂଜ ଜିଲ୍ଲା କୁଲିଅଣା ବ୍ଲକ ଚାନ୍ଦୁଆ ପଂଚାୟତ ଅନ୍ତର୍ଗତ କଖାରୁଶୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ବଦେନ ହାଁସଦାଙ୍କ ସହଧର୍ମିଣୀ ସୁଦିନ ହାଁସଦାଙ୍କୁ ୮୦ ବର୍ଷ ବୟସ ଛୁଇଁଲାଣି ବୋଲି ପରିବାର ଲୋକେ ଜଣାଇଛନ୍ତି । ଆଧାରକାର୍ଡ଼ରେ ତୃଟିଥିବା ଯୋଗୁଁ ସେଥିରେ ତାଙ୍କର ବର୍ତ୍ତମାନର ବୟସ ୭୨ ବର୍ଷ ଦର୍ଶାଯାଇଛି ବୋଲି କହିଛନ୍ତି ।ତେବେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବାରୁ ସୁଦିନ ଏପର୍ଯ୍ୟନ୍ତ ବଂଚିତ ଅଛନ୍ତି ବୋଲି ଅଭିଯୋଗ କରିଛନ୍ତି । ଏ ବାବଦରେ ବାରମ୍ବାର ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ଗୁହାରି ଜଣାଇଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବାର କହିଛନ୍ତି । ଆଦିବାସୀ ଲୋକଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ସଦରମହକୁମା ବାରିପଦା ଠାରେ ରହିଛି । ସୁଦିନ ହାଁସଦା ଜଣେ ଆଦିବାସୀ ସମ୍ପ୍ରଦାୟର ମହିଳା ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ସହଯୋଗର ହାତ ନବଢ଼ାଇ କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଉକ୍ତ ଘଟଣାରେ ଆବଶ୍ୟକ ପଦକ୍ଷେପ ନେବା ସହ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ସୁଦିନଙ୍କୁ ଯୋଗାଇଦେବାକୁ ବହୁ ସ୍ୱେଚ୍ଛାସେବୀ ଦାବି ଜଣାଇଛନ୍ତି ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ବାସୁଦେବପୁର , ୧୪/୧୨ (ନି.ପ୍ର): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ରଜନୀ ଦେବୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟ ଜୟ କୃଷ୍ଣପୁର,ବାସୁଦେବପୁର ଭଦ୍ରକ ରେ ବିଦ୍ୟାଳୟ ରେ ଅବସର ଗ୍ରହଣ କରିଥିବା ହିନ୍ଦୀ ଶିକ୍ଷକ ଶରତ କୁମାର ବାରିକ୍ ଓ କିରାଣୀ ଭଜ ଗୋବିନ୍ଦ ଘଡ଼େଇ ଓ ପୂର୍ବରୁ ଅବସର ଗ୍ରହଣ କରିଥିବା ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶିବ ପ୍ରସାଦ ଦାସ ଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସର ରେ ଭାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ମଲିକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମ ରେ ମୂଖ୍ୟ ଅତିଥି ଭାବେ ଅଟଳ ବିହାରୀ କଲେଜ ର ପୂର୍ବତନ ଅଧକ୍ଷ ଶ୍ରୀଯୁକ୍ତ ସୂର୍ଯ୍ୟମଣି ଶତପଥି, ବରେଣ୍ୟ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ପଳିତା, ମୁଖ୍ୟ ବକ୍ତା ଭାବେ ଅଟଳ ବିହାରୀ କଲେଜ ର ପୂର୍ବତନ ଅଧକ୍ଷ ବିଷ୍ଣୁ ମୋହନ ସ୍ୱାଇଁ,ସମ୍ମାନିତ ଅତିଥି ଭାବେ ପୂର୍ବତନ ସଂସ୍କୃତ ଶିକ୍ଷକ ନିରଞ୍ଜନ ଧୂପାଳ, ପୁର୍ବତନ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଧୁପାଳ, ଶିକ୍ଷାବିତ ତପନ କୁମାର ଦାସ, ଉପସ୍ଥିତ ରହି ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ।ବିଦ୍ୟାଳୟ ର ପୂର୍ବତନ ଛାତ୍ର ଅଦୈତ୍ୟ ପ୍ରସାଦ ନାୟକ ମଞ୍ଚ ସଂଯୋଜନା କରିଥିଲେ। ଅଭୟ କୁମାର ବାରିକ୍ ଅତିଥି ପରିଚୟ ଓ ଅମିୟ କୁମାର ବାରିକ୍ ଧନ୍ୟବାଦ୍ ପ୍ରଦାନ କରିଥିଲେ।ବିଦ୍ୟାଳୟ ର ପୂରାତନ ବିଦ୍ୟାର୍ଥୀ ଓ ବିଦ୍ୟାଳୟ ପକ୍ଷ ରୁ ତିନି ଜଣ ଙ୍କୁ ମାନ ପତ୍ର, ଉପ ଧୋକନ ସହ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ରେ ପଢୁଥିବା ବିଦ୍ୟାର୍ଥୀ ମାନେ ମଧ ଉପହାର ପ୍ରଦାନ କରିଥିଲେ। ବିଦ୍ୟାଳୟ ର ପୂରାତନ ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀ, ଗ୍ରାମ ବାସୀ ଓ ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହିଥିଲେ।

## ସ୍ମୃତି ଚାରଣ ସଭା ଅନୁଷ୍ଠିତ



ବାସୁଦେବପୁର, ୧୪/୧୨ (ନି.ପ୍ର): ବାସୁଦେବପୁର ସହରରେ ଥିବା ପ୍ରଜା ପିତା ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଓଡ଼ିଶାର ମୁଖ୍ୟ ସଂଚାଳିକା କଟକ ଡାକ୍ତର କମଲେସ ଦିଦି ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ସ୍ମୃତି ଚାରଣ ସଭାରେ ବିକେ ପ୍ରତିମା ଭଉଣୀ, ବେତଡାର ସଞ୍ଚାଳିକା ବି କେ ସନ୍ଧ୍ୟା, ଉର୍ମିଳା ଭଉଣୀ, ବି କେ ଗଦାଧର ଭାଇ, ଜ୍ୟୋତ୍ସ୍ନା ଭଉଣୀ, ସୁରେନ୍ଦ୍ର ଭାଇ,ମନୋରଞ୍ଜନ ଭାଇ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାଇ ଭଉଣୀ ସମସ୍ତ ଙ୍କ ଦ୍ୱାରା ଭୋଗ ସ୍ୱୀକାର କରା ଯାଇଥିଲା।

## ଦେବସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ସମ୍ବର୍ଦ୍ଧନା ସଭା



ବସ୍ତା, ୧୪/୧୨ (ନି.ପ୍ର): ଭାରତ ବର୍ଷରେ ସନାତନଧର୍ମକୁ ପ୍ରଚାର ପ୍ରସାର ନେଇ ଆସନ୍ତା ୨୩ରୁ ୨୪ତାରିଖରେ ସାଇକେଲରାଲି ରେ ଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବା ସହିତ ବସ୍ତାନିର୍ବାଚନ ମଣ୍ଡଳୀର ୧୨ଟି ପଞ୍ଚାୟତର ଦେବସେନା ସମେତ ସନାତନ ପ୍ରେମିମାନେ ଯୋଗଦାନ କରିବାର ନିଷ୍ପତି ହୋଇଅଛି ବୋଲି ଦେବସେନା ଜିଲ୍ଲା ସଭାପତି ଶଙ୍କର କୁମାରଜେନା ପ୍ରକାଶ କରିଛନ୍ତି । ଦେବସେନା ବ୍ଲକ ସଭାପତି ଅନ୍ତର୍ଯ୍ୟାମି ରାଉଳଙ୍କ ତତ୍ୱାବଧାନରେ ଏକସମ୍ବଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ପ୍ରଧାଙ୍କୁ ଉତ୍ତରୀୟ ଓ ଚାରା ଦେଇ ଦେବସେନା ପକ୍ଷରୁ ସମ୍ବଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଧର୍ମ ପ୍ରକୋଷ୍ଠ ମହାସଚିବ ଉତ୍ତମକୁମାର ଭୂୟାଁ.ପ୍ରତାପନାୟକ ରଘୁନାଥ ରାଉଳ ଅଶ୍ଚୁତ ରାଉଳ ପଞ୍ଚାୟତ ମହାସଚିବ ଉମେଶଚନ୍ଦ୍ର ବେହେରା ସମେତ ବହୁ ଦେବସୈନିକ ଉପସ୍ଥିତଥିଲେ ଶିତାକାନ୍ତଦାସ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

## ବାରିପଦରେ ରାଷ୍ଟ୍ରୀୟ ଲୋକ ଅଦାଲତ : ମୋଟ ୧୨,୩୦୫ଟି ମାମଲା ମଧ୍ୟରୁ ୪୦୫୩ଟି ମାମଲାର ଅପୋଷ ସମାଧାନ

ବାରିପଦା, ୧୪/୧୨ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଓ ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି. ଅଦାଲତରେ ମୋଟ ୧୨,୩୦୫ଟି ମାମଲା ମଧ୍ୟରୁ ୪୦୫୩ ଟି ମାମଲାର ଅପୋଷ ବିଚାର ହୋଇ ମୋଟ ୩,୭୦,୯୫,୯୨୩ ଟଙ୍କା ଅଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି. ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ସୁଦୀପ୍ତ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ ପ୍ରଜ୍ୟୋତି ରାଉତ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ସୁମନ କୁମାର ମିଶ୍ର, ସିନିୟର ସିଭିଜ ଜଜ ସୁଦାମ ଚରଣ ଦାଶ, ସତରୂପା ଶତପଥୀ , ଅତିରିକ୍ତ ସିନିୟର ସିଭିଲ ଜଜ ସୂର୍ଯ୍ୟ ଦାସ, ଦ୍ୱିତୀୟ ଅତିରିକ୍ତ ସିନିୟର ସିଜିଲ ଜଜ ଡା. ନିଶାକର ସାହୁ, ଏସ.ଡି.ଜେ.ଏମ. ଜୁଓ୍ୱେଲ ପଟ୍ଟନାୟକ, ଜେ.ଏମ.ଏଫ.ସି.-୧ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଜେ.ଏମ.ଏଫ.ସି କୁମାରୀ ମଧୁଶ୍ରବା ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଓ ମାମଲା ସମାଧାନ ନିମନ୍ତେ ଗଠନ ହୋଇଥିବା ବିଭିନ୍ନ ବେଞ୍ଚରେ ନିଯୁକ୍ତ ଥିବା ସଦସ୍ୟ ତଥା ସରକାରୀ ଓକିଲ ହିମାଂଶୁ କୁମାର ପାଣିଗ୍ରାହୀ, ଆଇନଜୀବୀ ସତ୍ୟ ନାରାୟଣ ବେହେରା, କମଳ କୁମାର କୁଆଁରବାବୁ, ଧିରେନ୍ଦ୍ର କୁମାର ମହାପାତ୍ର, , ସୁଶାନ୍ତ କୁମାର ବାରିକ ତଥା ବାରିପଦା ଓକିଲ ସଂଘର ଅନ୍ୟ ଆଇନଜୀବୀ, ରାଜସ୍ୱ ବିଭାଗ, ବିଭିନ୍ନ ବ୍ୟାଙ୍କ ଅଧିକାରୀ, ଟେଲିଫୋନ ବିଭାଗ, ବିଦ୍ୟୁତ ବିଭାଗ ଓ ପ୍ରାଧିକରଣର ଅନ୍ୟାନ୍ୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ। ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ। ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ। ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida